# ଥମିଯାଇଛି ସ୍ଥାନୀୟ ନିଯୁକ୍ତି, ଦୁର୍ନୀତି ପ୍ରସଙ୍ଗ

## ଯାଜପୁର ଜିଲା ରାଜନୀତି
- ବିରୋଧୀଙ୍କ ଭୂମିକା ନଗଣ୍ୟ, ଶକ୍ତିଶାଳୀ ହେଉଛି ବିଜେଡି

ଯାଜପୁର,୨୮।୭(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ରାଜନୀତିରେ ବିରୋଧୀଙ୍କ ଭୂମିକା ଅତି ନଗଣ୍ୟ। ତୃଣମୂଳସ୍ତରରେ ବିରୋଧୀଙ୍କ ସଂଗଠନ ଅତି ଦୁର୍ବଳ ରହିଥିବାବେଳେ ସବୁଠି ପ୍ରାୟ ଫାଳ ଫାଳ। ଶାସକ ବିଜେଡିର ସଂଗଠନ ଆଗରେ ବିରୋଧୀ ସମ୍ପୂର୍ଣ୍ଣ ଭାବେ ହାତ ଟେକିଦେଇଥିବା ମନେହେଉଛି। ସାଧାରଣ ନିର୍ବାଚନ ପାଇଁ ପ୍ରାୟ ସମସ୍ତ ଦଳ ଏବେଠୁ ସଜବାଜ ହେଉଛନ୍ତି। କିନ୍ତୁ ଜିଲାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଭୁଲିଯାଇ କିଛି ହାଲୁକା ଘଟଣାକୁ ଧରି ବିରୋଧୀ ନିଜର ବଳ ପ୍ରଦର୍ଶନ କରିବାରେ ମଗ୍ନ ରହିଛନ୍ତି। ବିରୋଧୀଙ୍କ ଏଭଳି କାର୍ଯ୍ୟ ଜିଲାର ନିଷ୍ପେଷିତ, ଅସହାୟ, ଗରିବ ଲୋକଙ୍କ ଆସ୍ଥାଭାଜନ ହେବାରେ ଯଥେଷ୍ଟ ହେଉନାହିଁ। ସ୍ଥାନୀୟ ନିଯୁକ୍ତି, ଶିକ୍ଷା, ଗମନାଗମନ, ସ୍ୱାସ୍ଥ୍ୟ ଭଳି ମୌଳିକ ସମସ୍ୟାଗୁଡ଼ିକର ସମାଧାନ କରିବାରେ ଶାସକ ବିଜେଡି ଆଜି ବି ସମ୍ପୂର୍ଣ୍ଣ ଭାବେ ସଫଳ ହୋଇପାରିନାହିଁ। ବିରୋଧୀ ଦଳଗୁଡ଼ିକ ଏହାର ସୁଯୋଗ ନେବାରେ ବିଫଳ ହୋଇଛନ୍ତି। ଏହିସବୁ ବିରୋଧରେ କୌଣସି ଏକ ବଡ଼ଧରଣର ଆନ୍ଦୋଳନ କିମ୍ବା ଶୋଭାଯାତ୍ରା ହେଉଥିବା ଦେଖିବାକୁ ମିଳୁନାହିଁ। ଜିଲା ବିଜେଡିର ସଂଗଠନ ଗ୍ରାମାଞ୍ଚଳସ୍ତରରେ ଏକକ ସୈନିକ ଭଳି ଆଧିପତ୍ୟ ବିସ୍ତାର କରି ଚାଲିଛି। କିନ୍ତୁ ବିରୋଧୀ ଦଳର ନେତୃବର୍ଗ ଗଣମାଧ୍ୟମରେ ମନ୍ତବ୍ୟ ଦେବାରେ ସିଦ୍ଧହସ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ମନୋବଳର ଅଭାବ ଏବଂ କେନ୍ଦ୍ର ସରକାରଙ୍କ ହାୱା ଉପରେ କେବଳ ଭରସା ଏହାର ପ୍ରମୁଖ କାରଣ ବୋଲି କୁହାଯାଉଛି।




କେନ୍ଦ୍ର ଓ ରାଜ୍ୟସ୍ତରରେ ପ୍ରଣୀତ ହେଉଥିବା ବିଭିନ୍ନ ଯୋଜନା ତଥା ରାଶନ କାର୍ଡ, ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପାଇଖାନା, ଏମ୍‌ଜିଏନ୍‌ଆରଇଜିଏସ୍, ଗ୍ରାମାଞ୍ଚଳକୁ ରାସ୍ତା ନିର୍ମାଣ, ଧାନକିଣା ଆଦି ସରକାରୀ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଆଉ ଲୁଚି ଛପି ରହିନାହିଁ। କୌଣସି ଏକ ଦୁର୍ନୀତି କିମ୍ବା ଅବହେଳା ବିରୋଧରେ ବିରୋଧୀ ଭାଜପା ଓ କଂଗ୍ରେସ ସଫଳ ହେବା ଦେଖିବାକୁ ମିଳୁନାହିଁ। ଜିଲାର ଶତାଧିକ ଗ୍ରାମକୁ ସଡ଼କ ସଂଯୋଗ ବାକି ରହିଛି। ଯେଉଁମାନେ ବାସ୍ତବ ହିତାଧିକାରୀ ସେମାନଙ୍କୁ ଆବାସ ଯୋଜନା ଏବଂ ରାଶନ କାର୍ଡ ପ୍ରଦାନ କରାଯାଇ ପାରିନାହିଁ। ଠିକାଦାରି ରାଜନୀତିକୁ ଗୁରୁତ୍ୱ ଦିଆଯାଉଥିବାବେଳେ କଳିଙ୍ଗନଗର ଶିଳ୍ପ ଓ ସୁକିନ୍ଦା ଖଣି ଅଞ୍ଚଳରେ ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା କରାଯାଉଛି। ଅଣଓଡ଼ିଆଙ୍କୁ ଉଚ୍ଚସ୍ତରରେ ନିଯୁକ୍ତି ଦିଆଯାଉଥିବାବେଳେ ସମାନ ଶିକ୍ଷାଗତ ଯୋଗ୍ୟତା ଥିବା ଓଡ଼ିଆ ଯୁବତୀଯୁବକଙ୍କୁ ସାମାନ୍ୟ ପଦପଦବୀରେ ନିଯୁକ୍ତି ମିଳୁଛି। ଆବଶ୍ୟକସ୍ଥଳେ ସେମାନଙ୍କୁ ବହୁ ନିର୍ଯାତନା ଦେଇ ଚାକିରି ଛାଡ଼ିବାକୁ ପରୋକ୍ଷରେ ବାଧ କରାଯାଉଛି। ଜମିବାଡି ହରାଇଥିବା ପ୍ରଭାବିତ ଲୋକେ ନିଯୁକ୍ତି ପାଇଁ ଯେତେ ଆନ୍ଦୋଳନ କଲେ ବି କିଛି ସୁଫଳ ମିଳିପାରୁନାହିଁ। ସେମାନଙ୍କ ସପକ୍ଷରେ କୌଣସି ବିରୋଧୀ ଦଳ ନେତୃବର୍ଗ ଠିଆହେବାର ଉଦାହରଣ ଦେଖିବାକୁ ମିଳୁନାହିଁ। ପ୍ରାୟ ସମସ୍ତ ମେଗା ଉଠା ଜଳସେଚନ ଏବଂ ପାନୀୟ ଜଳ ପ୍ରକଳ୍ପରେ ଅଣଓଡ଼ିଆ ଠିକାସଂସ୍ଥା ନିୟୋଜିତ ହୋଇ ଲୁଟିବାରେ ଲାଗିଛନ୍ତି। ଏହିସବୁ ପ୍ରକଳ୍ପରେ ବହୁ କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ହେଁ ସମ୍ପୃକ୍ତ ଅଞ୍ଚଳବାସୀ ପାଣି ପାଇଁ ଡହଳବିକଳ ହେଉଛନ୍ତି। କିନ୍ତୁ ବିରୋଧୀ ଦଳଗୁଡ଼ିକ କ'ଣ ପାଇଁ ନୀରବ ରହୁଛନ୍ତି ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି। ଏହିସବୁ ମୂଳକୁ ଛାଡ଼ି ଅମୂଳକ ବିଷୟକୁ ନେଇ ଦାବି ଓ ଆନ୍ଦୋଳନ ବିରୋଧୀଙ୍କ ପାଇଁ କାଳ ହେଉଥିବାବେଳେ ବିଜେଡି ଏଥିରେ ଆହୁରି ଶକ୍ତିଶାଳୀ ହୋଇଛି। ୨୦୧୯ ସାଧାରଣ ନିର୍ବାଚନରେ ଭାଜପାର ଭୋଟହାର ବୃଦ୍ଧି କେବଳ ପ୍ରଧାନମନ୍ତ୍ରୀ ମୋଦିଙ୍କ ହାୱା ବୋଲି କୁହାଯାଉଛି। ଏହିସବୁ କାରଣରୁ ଗତ ପଞ୍ଚାୟତ ନିର୍ବାଚନରେ ବିଜେଡି ସମସ୍ତ ଜିଲା ପରିଷଦ ଆସନକୁ ହାତେଇପାରିଛି ବୋଲି ମତପ୍ରକାଶ ପାଇଛି। ଅନ୍ୟପକ୍ଷେ କଂଗ୍ରେସ ସମ୍ପୂର୍ଣ୍ଣ ଭାବେ ହାତ ଟେକିଥିବା ମନେହେଉଛି। କାଁ ଭାଁ କାର୍ଯ୍ୟକ୍ରମକୁ ବାଦ୍ ଦେଲେ ଉଭୟ ବିରୋଧୀ ଦଳ ଭାଜପା ଓ କଂଗ୍ରେସ ଏକପ୍ରକାର ଅସହାୟ ବୋଲି ମନେହେଉଛି।

## ସଂକ୍ଷେପରେ

### ପାଲା ଗାୟକ ବିନାୟକ ନାୟକଙ୍କୁ ଜ୍ୟୋତିଷ ରତ୍ନ ସମ୍ମାନ

ଝୁମ୍ପୁରୀ,୨୮।୭ (ସରୋଜ ନାୟକ)



ଦଶରଥପୁର ବ୍ଲକ୍ ଅଧୀନ ଛଚିଣା ଗ୍ରାମର ବିଶିଷ୍ଟ ପାଲା ଗାୟକ ବିନାୟକ ନାୟକଙ୍କୁ ଜ୍ୟୋତିଷ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। ସୂର୍ଯ୍ୟାଂଶୀ ବ୍ରାହ୍ମଣ ଆସୋସିଏଶନ୍‌ର ବାର୍ଷିକ ଆଲୋଚନାଚକ୍ରରେ ନାୟକଙ୍କୁ ଏହି ସମ୍ବର୍ଦ୍ଧନା ଦିଆଯାଇଛି। କଟକସ୍ଥିତ ଗାନ୍ଧୀ ଭବନରେ ସଂଘ ସଭାପତି ପଣ୍ଡିତ ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥିଭାବେ ଡା. ପି.କେ. ନାୟକ, ମୁଖ୍ୟବକ୍ତା ପଣ୍ଡିତ ଭରତ ଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ପଣ୍ଡିତ ଶ୍ରୀବତ୍ସ ଖଡ଼ିରତ୍ନ, ଶିଖର ଆଚାର୍ଯ୍ୟ, ଆଶିଷ ନାୟକ, ମହାବୀର ଶର୍ମା, କ୍ରିଷ୍ଣାବଲ୍ଲଭ ମିଶ୍ର ଓ ବିଭୂପ୍ରସାଦ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଜ୍ୟୋତିଷ ଶାସ୍ତ୍ର ଉପରେ ବକ୍ତବ୍ୟ ରଖିଥିଲେ। ଶେଷରେ ସଂଘ ସମ୍ପାଦକ ସନ୍ତୋଷ ନାୟକ ଧନ୍ୟବାଦ ଦେଇଥିଲେ।

### ରାଜନୈତିକ ଗଣ୍ଡଗୋଳରେ ୨ ଆହତ

ପ୍ରୀତିପୁର,୨୮।୭(ସୁଶାନ୍ତ ବେହୁରିଆ)

ମଙ୍ଗଳପୁର ଥାନା ଅଧୀନ ପାଲଟପୁର ପଞ୍ଚାୟତରେ ୨ ରାଜନୈତିକ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏଥିରେ ୨ ବ୍ୟକ୍ତି ଆହତ ହୋଇଥିବା ଜଣାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ପାଲଟପୁର ଗ୍ରାମର ଏକ ବିବାଦ ସମାଧାନ କରିବାକୁ ଭଦ୍ରବ୍ୟକ୍ତିମାନେ ଥାନାରେ ବୈଠକ କରିଥିଲେ। ଉକ୍ତ ଘଟଣା ସମାଧାନ ହୋଇଥିଲେ ମଧ୍ୟ ୨ ପକ୍ଷ ମଧ୍ୟରେ ତିକ୍ତତା ପ୍ରକାଶ ପାଇବା ସହିତ ଥାନାଠାରୁ କିଛି ଦୂରରେ ଜଗିରହି ଗୋଟିଏ ଗୋଷ୍ଠୀ ଅନ୍ୟ ଗୋଷ୍ଠୀକୁ ଆକ୍ରମଣ କରିଥିଲେ। ଫଳରେ ପାଲଟପୁର ଗ୍ରାମର ଚନ୍ଦ୍ରଶେଖର ସାହୁ ଓ ମୁରାରୀପୁର ଗ୍ରାମର ଜ୍ୟୋତିପ୍ରକାଶ ମିଶ୍ର ଆହତ ହୋଇଛନ୍ତି। ଚନ୍ଦ୍ରଶେଖର ଏକ ଖବରକାଗଜର ଦଶରଥପୁର ବ୍ଲକ ପ୍ରତିନିଧି ଥିବାବେଳେ ଜ୍ୟୋତିପ୍ରକାଶ ଅନ୍ୟ ଏକ ଖବରକାଗଜର ଜିଲା ପ୍ରତିନିଧି ଭାବେ କାର୍ଯ୍ୟ କରୁଛନ୍ତି। ମଙ୍ଗଳପୁର ଆଇଆଇସି ଚିନ୍ମୟୀ ସାହୁ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷରୁ ୩ ଜଣଙ୍କୁ ଅଟକ ରଖିଥିବା ଜଣାଯାଇଛି।

### ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା

ଯାଜପୁରରୋଡ୍,୨୮।୭(ପବିତ୍ର ମହାନ୍ତି)

ଯାଜପୁର-କେନ୍ଦୁଝର ରୋଡ୍ ରେଲଷ୍ଟେଶନର ୨ନଂ. ପ୍ଲାଟଫର୍ମ ନିକଟରେ ଶୁକ୍ରବାର ପୂର୍ବାହ୍ନ ୧୦ଟା୩୦ ସମୟରେ ଜଣେ ବ୍ୟକ୍ତି ଏକ ମାଲବାହୀ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ତାଙ୍କ ପରିଚୟ ମିଳି ପାରିନାହିଁ। ବୟସ (୫୦) ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇ ପାରିନାହିଁ। ରେଳବାଇ ପୋଲିସ ଟ୍ରେନର ଲୋକୋ ପାଇଲଟଙ୍କଠାରୁ ମେମୋ ପାଇବା ପରେ ମୃତଦେହ ଜବତ କରି ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇଛି। ମୃତଦେହକୁ ଶବଗୃହରେ ସୁରକ୍ଷିତ ରଖାଯାଇଛି ବୋଲି ଜିଆର୍‌ପି ଅଧିକାରୀ ସୁଶାନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି। ସମ୍ପୃକ୍ତ ବ୍ୟକ୍ତିଙ୍କ ପରିଚୟ ପାଇଁ ରେଲୱେ ପୋଲିସ ଗଣମାଧ୍ୟମର ସହଯୋଗ ଲୋଡ଼ିଛି।

## ପ୍ରଶ୍ନପତ୍ର ଲିକ୍ ମାମଲାରେ ଧର୍ମଶାଳା ଅଞ୍ଚଳର ଜଣେ ଶିକ୍ଷକ ଗିରଫ

ଧର୍ମଶାଳା,୨୮।୭(ବଟକୃଷ୍ଣ ପରିଡ଼ା)

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍ଏସ୍‌ସି) ଜେଇ ସିଭିଲ ମେନ ପରୀକ୍ଷା ପ୍ରଶ୍ନପତ୍ର ଲିକ ମାମଲାରେ ଧର୍ମଶାଳା ବ୍ଲକ ଅନ୍ତର୍ଗତ ରଥିଆ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକଙ୍କୁ ବାଲେଶ୍ୱର ପୋଲିସ ଗିରଫ କରିଛି। ସେ ହେଲେ ଯାଜପୁର ଜିଲା ବାଲିଚନ୍ଦ୍ରପୁର ଅଞ୍ଚଳର ସୁଶାନ୍ତ ସାହୁ। ସୁଶାନ୍ତ ୫ ବର୍ଷ ହେଲା ରଥିଆ ଗ୍ରାମର ରଥିଆ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ସେ ଏହି ସ୍କୁଲ୍‌ରେ ରହିବା ପରେ ସ୍କୁଲ୍ ନିକଟ ଦୁବଗାଡ଼ିଆ ଗ୍ରାମରେ ଜାଗା କିଣି ଘର କରି ପରିବାର ସହ ରହୁଥିଲେ। ବାଲେଶ୍ୱର ପୋଲିସ ତାଙ୍କୁ ଦୁବଗାଡ଼ିଆସ୍ଥିତ ଘରୁ ୩ ଦିନ ତଳେ ଉଠାଇ ନେଇଥିଲା। ଏବେ ପରିବାର ଲୋକେ କେହି ଘରେ ନ ଥିବାବେଳେ ଘରେ ତାଲାଝୁଲୁଥିବା ଦେଖିବାକୁ ମିଳିଛି। ସୁଶାନ୍ତ ଶିକ୍ଷକ ଚାକିରି କରି ଏଭଳି ଅନେକ ବେଆଇନ କାର୍ଯ୍ୟରେ ଲିପ୍ତ ରହିଥିବା ଶୁଣାଯାଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବହୁ ତଥ୍ୟ ସାମନାକୁ ଆସବ ବୋଲି ସାଧାରଣରେ ଦାବିହୋଇଛି। ଏ ନେଇ ତାଙ୍କ ପରିବାର ଲୋକଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# କ୍ଷତିପୂରଣ ପାଇଁ ଡିଆର୍‌ଏମ୍‌ଙ୍କ ସହ ଆଲୋଚନା

## ମାଲବାହୀ ଟ୍ରେନ୍‌ରେ କଟି ୬ ଶ୍ରମିକଙ୍କ ମୃତ୍ୟୁ ମାମଲା

କୋରେଇ,୨୮।୭(ଚନ୍ଦ୍ରକାନ୍ତ ପତି)

ଯାଜପୁର-କେନ୍ଦୁଝର ରୋଡ୍ ରେଲଷ୍ଟେଶନ ଚୂନଭାଟି ନିକଟରେ ମାଲ୍‌ବାହୀ ଟ୍ରେନ୍‌ରେ କଟି ପ୍ରାଣ ହରାଇଥିବା ୬ ଶ୍ରମିକଙ୍କ ପରିବାରକୁ ରେଲୱେ ପକ୍ଷରୁ ଏ ପର୍ଯ୍ୟନ୍ତ କ୍ଷତିପୂରଣ ମିଳିନାହିଁ। ଏହାକୁ ନେଇ କୋରେଇ ସଂଗ୍ରାମ ସମିତି ପକ୍ଷରୁ ବିଭିନ୍ନ ଆନ୍ଦୋଳନ ପରେ ଶୁକ୍ରବାର ଖୋର୍ଦ୍ଧାଠାରେ ଡିଆର୍‌ଏମ୍‌ଙ୍କ ସହ ଆଲୋଚନା କରାଯାଇଛି।

ଆଲୋଚନାରେ ଡିଆରଏମ୍ ଏଚ୍‌ଏସ୍ ବାଜୱା, ଏଡିଆର୍‌ଏମ୍ କଲ୍ୟାଣ ପଟ୍ଟନାୟକ, ଡିସିଏମ୍ ଗିରିଶ ଚନ୍ଦ୍ର ନାୟକ ଓ କୋରେଇ ସଂଗ୍ରାମ ସମିତି ସଭାପତି ବିଦ୍ୟାଧର ମହାନ୍ତି, ଉପସଭାପତି ଆଲୋକ ମହାନ୍ତି, ସାଧାରଣ ସମ୍ପାଦକ ଅଭିମନ୍ୟୁ ମିଶ୍ର, ବନ୍ଦାଳ ସରପଞ୍ଚ ବିଷ୍ଣୁଚରଣ ରଥ, ସମିତିସଭ୍ୟାଙ୍କ ପ୍ରତିନିଧି ଅଜୟ କୁମାର ମହାକୁଡ଼, ଏସ୍‌ଏଚ୍‌ଜିର ରଶ୍ମିତା ପେରାଇ, ମିଲିରାଣୀ ସାମଲ ଓ ବଟକୃଷ୍ଣ ସାହୁ ପ୍ରମୁଖ ସାମିଲ ହୋଇଥିଲେ। ଆଲୋଚନାବେଳେ ମୃତ ଶ୍ରମିକଙ୍କ ପରିବାରକୁ ଆର୍ଥିକ ସହାୟତା ସହ ପରିବାରରୁ ଜଣକୁ ନିଯୁକ୍ତି ଏବଂ ଦୁଲାଖାପାଟଣା ପିଏଚ୍‌ର ଉନ୍ନତି ଉପରେ ଏକ ଦାବି ଉପସ୍ଥାପନ କରାଯାଇଥିଲା। ଡିଆର୍‌ଏମ୍ ସମସ୍ତ ଦାବି ଶୁଣିବା ପରେ ଠିକାସଂସ୍ଥା ମୁଖ୍ୟ ଓ ଡିସିଏମ୍ ଏବଂ ରେଲୱେ ବୋର୍ଡକୁ ଚିଠି ଲେଖି ନିଷ୍ପତ୍ତି ନେବା ସହିତ ଠିକାଦାରଙ୍କୁ ତୁରନ୍ତ ଡାକି ମୃତ ଶ୍ରମିକଙ୍କ ପରିବାରକୁ ସହାୟତା ରାଶି ଦେବାକୁ ତାଗିଦ କରିବେ ବୋଲି କହିଛନ୍ତି। ଏଥିସହିତ ଦୁଲାଖାପାଟଣା ଷ୍ଟେଶନ ପ୍ରତି ଆବଶ୍ୟକ ପଦକ୍ଷପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହିଅବସରରେ ନୂତନ ଭାବେ କାର୍ଯ୍ୟରେ ଯୋଗ ଦେଇଥିବା ଡିଆରଏମ୍ ବାଜୱାଙ୍କୁ ସଂଗ୍ରାମ ସମିତି ପକ୍ଷରୁ ଫୁଲତୋଡ଼ା ଦେଇ ସ୍ୱାଗତ କରାଯାଇଥିଲା।

ସୂଚନା ମୁତାବକ, ଜୁନ ୭ ତାରିଖରେ ଶ୍ରମିକମାନେ କାର୍ଯ୍ୟ କରୁଥିବା ସମୟରେ ବର୍ଷା ପବନ ଆସିବାରୁ ସେମାନେ ନିକଟରେ ଥିବା ଏକ ଖାଲି ମାଲବାହୀ ଟ୍ରେନ୍ ବଗିତଳେ ଆଶ୍ରୟ ନେଇଥିଲେ। ପବନ ବଢ଼ିବାରୁ ଉକ୍ତ ବଗିଗୁଡ଼ିକ ଅଚାନକ ଗଡ଼ିବାରେ ଲାଗିଥିଲା। ଫଳରେ ଘଟଣାସ୍ଥଳରେ କଟିଯାଇ ୬ ଶ୍ରମିକଙ୍କ ମୃତ୍ୟୁହୋଇଥିବା ବେଳେ ଦୁଇ ଜଣଙ୍କ ହାତ ଗୋଡ କଟି ଯାଇଥିଲା। ସେମାନଙ୍କୁ ଅନୁକମ୍ପା ଅର୍ଥ ଦାବିକରି ଜୁଲାଇ ୨୧ରୁ ଦୁଲାଖାପାଟଣା ରେଲଷ୍ଟେଶନଠାରେ କୋରେଇ ସଂଗ୍ରାମ ସମିତି ଓ ବନ୍ଦାଳବାସୀଙ୍କ ସହଯୋଗରେ ଗଣଧାରଣା ଦିଆଯାଇଥିଲା। ପୂର୍ବତଟ ରେଳପଥ ପକ୍ଷରୁ ଓଆର୍‌ପିଏଫ, ଜିଆର୍‌ପିର ଅଧିକାରୀ ଓ କୋରେଇ ଥାନା ଅଧିକାରୀ ପହଞ୍ଚି ଜୁଲାଇ ୨୮ରେ ନୂତନ ଡିଆର୍‌ଏମଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଗଣଧାରଣା ପ୍ରତ୍ୟାହୃତ ହୋଇଥିଲା।



ଖୋର୍ଦ୍ଧା ଡିଆରଏମ୍‌ଙ୍କୁ ଭେଟୁଛନ୍ତି କୋରେଇ ସଂଗ୍ରାମ ସମିତିର କର୍ମକର୍ତ୍ତା।

# ବଜ୍ରପାତରେ ମହିଳା ମୃତ

ସୁକିନ୍ଦା, ୨୮।୭ (ସତ୍ୟଜିତ ଦାଶ)

ସୁକିନ୍ଦା ଥାନା ଅନ୍ତର୍ଗତ ଅତା ଗ୍ରାମର ଦଳିତ ସାହିରେ ଶୁକ୍ରବାର ବଜ୍ରପାତ ଘଟି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ନରୋତ୍ତମ ମଳିକଙ୍କ ସ୍ତ୍ରୀ ନିରୁପମା ମଳିକ(୪୦)। ଅପରାହ୍ନ ପ୍ରାୟ ୩ଟା ସମୟରେ ନିରୁପମା ବିଲରୁ କାମ ସାରି ଫେରିବା ସମୟରେ ତାଙ୍କୁ ବଜ୍ରପାତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବରପାଇ ଅତା ରାଜସ୍ୱ ନିରୀକ୍ଷକ ଶୁଭକାନ୍ତ ପଟ୍ଟନାୟକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚ ତଥ୍ୟ ସଂଗ୍ରହ କରିଛନ୍ତି। ଏନେଇ ସୁକିନ୍ଦା ଥାନାରେ ନଂ.୨୨/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି।

# ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ହେଲେ ପଙ୍କଜ ସତିଜା




ଟାଟାଷ୍ଟିଲ ମାଇନିଂର ପରିଚାଳନା ନିର୍ଦ୍ଦେଶକ ପଙ୍କଜ କୁମାର ସତିଜାଙ୍କୁ ରାଷ୍ଟ୍ରପତି ପୁରସ୍କୃତ କରୁଛନ୍ତି।

କାଳିଆପାଣି,୨୮।୭(ଅସିତ ମହାନ୍ତ)

ଟାଟାଷ୍ଟିଲ ମାଇନିଂ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ପଙ୍କଜ କୁମାର ସତିଜାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ମାନଜନକ ଜାତୀୟ ଭୂବିଜ୍ଞାନ ପୁରସ୍କାର (ନ୍ୟାଶନାଲ ଜିଓସାଇନ୍ସ ଆୱାର୍ଡ-୨୦୨୨) ପ୍ରଦାନ କରିଛନ୍ତି। ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରରେ ଆୟୋଜିତ ଏକ ସମାରୋହରେ ମିନେରାଲ ବେନିଫିସିଏଶନ ଆଣ୍ଡ ସଷ୍ଟେନେବଲ ମିନେରାଲ ଡେଭେଲପମେଣ୍ଟ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ ପାଇଁ ସତିଜାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ବିତରଣ ସମାରୋହରେ କେନ୍ଦ୍ର ସଂସଦୀୟ ବ୍ୟାପାର, କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ, ଖଣି, କୋଇଲା ଓ ରେଳ ରାଷ୍ଟ୍ରମନ୍ତ୍ରୀ ରାଓସାହେବ ପାଟିଲ ଦାନ୍ୱେ, ଖଣି ମନ୍ତ୍ରଣାଳୟ ସଚିବ ବିବେକ ଭରଦ୍ୱାଜ ଓ ଭାରତ ସରକାରଙ୍କ ଅନ୍ୟ ମାନ୍ୟଗଣ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ଖଣି ମନ୍ତ୍ରଣାଳୟ ପକ୍ଷରୁ ସ୍ଥାପନ କରାଯାଇଥିବା ଏହି ପୁରସ୍କାରର ଲକ୍ଷ୍ୟ ହେଉଛି ଭୂବିଜ୍ଞାନର ବିଭିନ୍ନ କ୍ଷେତ୍ରରେ ଅତୁଳନୀୟ ସଫଳତା ହାସଲ ଓ ଉଲ୍ଲେଖନୀୟ ଯୋଗଦାନ କରିଥିବା ବ୍ୟକ୍ତିବିଶେଷ ଏବଂ ଟିମ୍‌କୁ ସମ୍ମାନିତ କରିବା। ଏନେଇ ସତିଜା କହିଛନ୍ତି, ଜାତୀୟ ଭୂବିଜ୍ଞାନ ପୁରସ୍କାର ଗ୍ରହଣ କରି ମୁଁ କୃତଜ୍ଞ ଓ ଗର୍ବିତମନେ କରୁଛି। ଏଥିପାଇଁ ମୁଁ ଖଣି ମନ୍ତ୍ରଣାଳୟକୁ କୃତଜ୍ଞତା ଜଣାଉଛି। ଦୀର୍ଘସ୍ଥାୟୀ ଖଣି ଅଭ୍ୟାସରେ ଉତ୍କର୍ଷ ହାସଲ ପାଇଁ ମୁଁ ଆଗକୁ ମଧ୍ୟ ଉଦ୍ୟମ ଜାରି ରଖିବି।

# ଯାଜପୁର ରୋଡ୍ ଥାନାରେ ୧୧୧ ଗାଡ଼ି ନିଲାମ ହେବ

ଯାଜପୁରରୋଡ୍,୨୮।୭(ପବିତ୍ର ମହାନ୍ତି)

ଯାଜପୁର ରୋଡ୍ ଆଦର୍ଶ ଥାନା ପୋଲିସ ପକ୍ଷରୁ ବିଭିନ୍ନ ସମୟରେ ଜବତ ହୋଇଥିବା ୧୧୧ ଗାଡ଼ିକୁ ନିଲାମ କରାଯିବ। ଗାଡ଼ିଗୁଡ଼ିକର କେହି ମାଲିକାନା ଦାବି କରୁ ନ ଥିବାରୁ ଏସବୁ ଥାନା ପରିସରରେ ପଡ଼ିରହିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଏବଂ ତତ୍କାଳୀନ ଯାଜପୁର ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ମହାପାତ୍ରଙ୍କ ଚିଠି ସଂଖ୍ୟା ୧୨୨୭୪/ତା ୨୩-୧୧-୨୦୨୧ରେ ଏନେଇ ନିଲାମ ନିମନ୍ତେ ବିଧିବଦ୍ଧ ନିର୍ଦ୍ଦେଶ ମିଳିଥିଲା। ଏହି ଆଧାରରେ ଭାରତୀୟ କାର୍ଯ୍ୟବିଧି ଆଇନର ଧାରା ୪୫୭ ଅନୁଯାୟୀ ଗାଡ଼ିର ପ୍ରକୃତ ମାଲିକ ଆବଶ୍ୟକୀୟ ଗାଡି ଏବଂ ମାଲିକାନା କାଗଜପତ୍ର ଦେଖାଇ ଗାଡି ନେବାକୁ ବିଭିନ୍ନ ସମୟରେ ଥାନା ପକ୍ଷରୁ କୁହାଯାଇଥିଲେ ମଧ୍ୟ କୌଣସି ବ୍ୟକ୍ତି ଗାଡିଗୁଡ଼ିକୁ ନେଉ ନ ଥିଲେ। ଫଳରେ ଏହି ୧୧୧ ଗାଡି ନିଲାମ କରାଯିବା ନେଇ ଥାନା ପକ୍ଷରୁ ନୋଟିସ ଜାରି କରାଯାଇଛି। ଗାଡିଗୁଡିକର ମୂଲ୍ୟାୟନ ପ୍ରକ୍ରିୟା ଶେଷ ହୋଇଥିବାବେଳେ ଯାଜପୁର ଜିଲା ମାଜିଷ୍ଟ୍ରେଟ, ଯାଜପୁର ପରିବହନ ଅଧିକାରୀ, ଜିଲା ଆରକ୍ଷୀ ଅଧୀକ୍ଷକ ଏବଂ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀଙ୍କ ଉପସ୍ଥିତରେ ସେପ୍ଟେମ୍ବର ସୁଦ୍ଧା ନିଲାମ କରାଯିବା ନେଇ ଥାନା ପକ୍ଷରୁ ସୂଚନା ଦିଆଯାଇଛି। ନିଲାମ ନିମନ୍ତେ ପ୍ରସ୍ତୁତ ହୋଇଥିବା ଗାଡ଼ିଗୁଡିକ ମଧ୍ୟରୁ ୧୦୪ ବାଇକ୍ ରହିଥିବାବେଳେ ଗୋଟିଏ ଟ୍ରାକ୍ଟର, ୨ ଅଟୋ ଓ ୪ ଟାଟା ମ୍ୟାଜିକ ରହିଥିବା ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ ଏବଂ ସହକାରୀ ଥାନାଅଧିକାରୀ ଜ୍ୟୋତିରଂଜନ ମହାପାତ୍ର ସୂଚନା ଦେଇଛନ୍ତି। ସମସ୍ତ ଗାଡିର ମୂଲ୍ୟ ଧାର୍ଯ୍ୟ ହୋଇଛି। ଉକ୍ତ ମୂଲ୍ୟଠାରୁ ଯେଉଁ ବ୍ୟକ୍ତି ନିଲାମ ଦିନ ଅଧିକ ଅର୍ଥ ପୈଠ କରିବେ ତାଙ୍କୁ ଗାଡିର ଦାବିଦାର ଘୋଷଣା କରାଯିବ। ନିଲାମ ପୂର୍ବରୁ କେହି ନିଜର କାଗଜପତ୍ର ଦେଖାଇ ଗାଡ଼ି ନେବାକୁ ଚାହିଁଲେ ତାଙ୍କୁ ପ୍ରାଥମିକତା ଦିଆଯିବ ବୋଲି ଥାନାଧିକାରୀ ପ୍ରଧାନ ପ୍ରକାଶ କରିଛନ୍ତି।

# ଜଳ ନିଷ୍କାସନ ପାଇଁ ପ୍ରଶାସନ ପକ୍ଷରୁ ତତ୍ପରତା

ଛତିଆ,୨୮।୭(ସୌମ୍ୟରଞ୍ଜନ ସାହୁ)

ବଡ଼ଚଣା ବ୍ଲକ ଅଧୀନ ଛତିଆ ବଜାରର ମୁଖ୍ୟରାସ୍ତାରୁ ଜଳ ନିଷ୍କାସନ ପାଇଁ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ମଙ୍ଗଳବାର ଡ୍ରେନ୍ ସଫା କରାଯାଇ ଜଳ ନିଷ୍କାସନର ଆଂଶିକ ବ୍ୟବସ୍ଥା ହୋଇଛି। ତେବେ ଜଳ ନିଷ୍କାସନ ବ୍ୟବସ୍ଥା କରାଯାଇଥିବାରୁ ଅଞ୍ଚଳବାସୀ ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି। ପ୍ରତିବର୍ଷ ବର୍ଷା ଦିନପୂର୍ବରୁ ଏହି ଡ୍ରେନ୍‌କୁ ସଫା କରାଗଲେ ଏଭଳି ସମସ୍ୟା ସୃଷ୍ଟି ହେବ ନାହିଁ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମତ ଦେଇଛନ୍ତି।

ଏଠାରେ ବର୍ଷାଜଳ ଜମି ରହି ନଦୀର ଭ୍ରମ ସୃଷ୍ଟି କରିବା ସହ ଯାତାୟାତ ବାଧାପ୍ରାପ୍ତ ହେଉଥିଲା। ଏନେଇ ଧରିତ୍ରୀରେ ଗତ ୨୩ ତାରିଖରେ ଖବର ପ୍ରକାଶ ପରେ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଉକ୍ତ ରାସ୍ତା ଦେଇ ପ୍ରତିଦିନ ସ୍କୁଲ, କଲେଜ ଛାତ୍ରୀଛାତ୍ର ଯାତାୟାତ କରିଥାନ୍ତି। ଛତିଆ ମନ୍ଦିରକୁ ବହୁ ପର୍ଯ୍ୟଟକ ଆସିଥାନ୍ତି। ଏଥିସହିତ ରାସ୍ତାଟି ବିଭିନ୍ନ ଜିଲାକୁ ସଂଯୋଗ କରିଛି। ମାତ୍ର ତ୍ରୁଟିପୂର୍ଣ୍ଣ ଡ୍ରେନ୍ ନିର୍ମାଣ ଓ ଡ୍ରେନ୍ ସଫା ନ ହେବା କାରଣରୁ ସାମାନ୍ୟ ବର୍ଷା ହେଲେ ରାସ୍ତାରେ ଘଣ୍ଟାଘଣ୍ଟା ପାଣି ଜମି ରହି ଯାତାୟାତରେ ବାଧା ଉପୁଜୁଥିଲା।



ପ୍ରଶାସନ ପକ୍ଷରୁ ଡ୍ରେନ୍ ସଫେଇ କରାଯାଉଛି।

# କୁକୁଡ଼ା ବୋଝେଇ ଗାଡ଼ି ଚୋରି ମାମଲାରେ ୫ ଗିରଫ

ପାଣିକୋଇଲି,୨୮।୭(ବିକାଶ ମଲ୍ଲିକ)

କୁକୁଡ଼ା ବୋଝେଇ ଗାଡ଼ି ଚୋରି ମାମଲାର ପାଣିକୋଇଲି ପୋଲିସ ପର୍ଦାଫାଶ କରିବା ସହ ୫ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ପ୍ରୟାସ ଜାରି ରଖିଛି। ଗିରଫ ଅଭିଯୁକ୍ତ ହେଲେ କୋରେଇ ଥାନା ବ୍ୟାସନଗର ପୌରାଞ୍ଚଳର ଚନ୍ଦନ ବାରିକ(୨୧), ଗୌରପୁର ପଞ୍ଚାୟତ ଅନ୍ତର୍ଗତ ଯୁଗଳ ଗ୍ରାମର ଅନିରୁଦ୍ଧ ସାହୁ(୫୬), ରାମକୃଷ୍ଣପୁର ଗ୍ରାମର ହରିକୃପା ଜେନା(୧୯), ଚିଙ୍ଗୁଡ଼ିପୁର ଗ୍ରାମର ପ୍ରଭାକର ବେହେରା(୪୫) ଓ ରଘୁପୁର ଗ୍ରାମର ରବୀନ୍ଦ୍ର ସ୍ୱାଇଁ (୪୦)। ପାଣିକୋଇଲି ଥାନାଧିକାରୀ ଲିଜାରାଣୀ ବିଶ୍ୱାଳ ଘଟଣାକୁ ଗୁରୁତ୍ୱ ସହକାରେ ନେଇ ତଦନ୍ତ ଆରମ୍ଭ କରିଥିଲେ।

ପାଣିକୋଇଲି ଓ କୋରେଇ ଥାନା ଅଞ୍ଚଳରୁ ବାରମ୍ବାର କୁକୁଡ଼ା ଗାଡ଼ି ଚୋରି ହେଉଥିବା ଅଭିଯୋଗ ହୋଇଆସୁଥିଲା। କୁକୁଡ଼ା ବୋଝେଇ ଗାଡ଼ିକୁ ଦୁର୍ବୃତ୍ତ ଜାତୀୟ ରାଜପଥରେ ଅଟକାଇ ଚାଳକଙ୍କୁ କାବୁ କରୁଥିଲେ। ଗାଡ଼ିରୁ କୁକୁଡ଼ାକୁ ଖଲାସ କରି ପୁଣି ଗାଡ଼ିକୁ ଛାଡ଼ି ଦେଉଥିଲେ। ଗତ ୨୫ ତାରିଖରେ ପଶ୍ଚିମବଙ୍ଗ ପୂର୍ବ ମିଦିନାପୁର ପୁଣ ଅଞ୍ଚଳର ସୋମେଶ୍ୱର ପାଲଙ୍କ କୁକୁଡ଼ା ବୋଝେଇ ଗାଡ଼ି(ଡବ୍ଲ୍ୟୁବି-୩ଏ-୫୭୮୮)ରାଜପଥରେ ଯାଉଥିଲା। ଏହି ସମୟରେ ପାଣିକୋଇଲି ଥାନା ଅନ୍ତର୍ଗତ ହାଟସାହି ଛକ ନିକଟରୁ ଏକ ବୋଲେରୋରେ କେତେଜଣ ଦୁର୍ବୃତ୍ତ ଆସି ଉକ୍ତ ଗାଡ଼ି ଅଟକାଇ କୁକୁଡ଼ା ଲୁଟ୍ କରିଥିଲେ। ଏନେଇ ପାଲ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୯୪/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତମାନେ କୁକୁଡ଼ା ଗାଡ଼ି ଚୋରି କରିବା ପରେ ଚାଳକଙ୍କୁ ଅଟକ ରଖି ନିଜସ୍ୱ ଚାଳକ ଜରିଆରେ କୁକୁଡ଼ାଙ୍କୁ ଅନ୍ୟତ୍ର ବିକ୍ରି ପାଇଁ ପଠାଇ ଦେଇଥାନ୍ତି ବୋଲି ପୋଲିସ କହିଛି।



କୁକୁଡ଼ା ବୋଝେଇ ଗାଡ଼ି ଚୋରି ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୯ ଜୁଲାଇ, ୨୦୨୩



## ସଂକ୍ଷେପରେ

### ମାର୍ଶାଘାଇ ଥାନାରେ ନୂଆ ଆଇଆଇସିଙ୍କ ଯୋଗଦାନ

ମାର୍ଶାଘାଇ,୨୮।୭ (ଶୁଭେନ୍ଦୁପ୍ରସାଦଚୌଧୁରୀ)

ମାର୍ଶାଘାଇ ଥାନାରେ ନୂଆ ଆଇଆଇସି ଭାବେ ପ୍ରଜ୍ଞା ପାରମିତା ଜେନା ଶୁକ୍ରବାର ସନ୍ଧ୍ୟାରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ବିଦାୟୀ ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ସାମନ୍ତରାୟଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଜେନା ନୟାଗଡ଼ ଜିଲାରେ କାର୍ଯ୍ୟରତ ଥିଲେ।

### ଦୁଗ୍ଧଚାଷୀଙ୍କୁ ମରଣାନ୍ତକ ଆକ୍ରମଣ

ରାଜନଗର, ୨୮।୭ (ଭାସ୍କର ରାଉତରାୟ)

ଆଳି ଅଞ୍ଚଳର ଜଣେ ଦୁଗ୍ଧ ଚାଷୀ ରାଜନଗର ଥାନା ଅନ୍ତର୍ଗତ କେରେଡାଗଡ଼ ବଜାର ଓମ୍‌ଫେଡ ସେଣ୍ଟରରେ ଦୁଗ୍ଧ ଦେଇ ଘରକୁ ଫେରୁଥିବା ବେଳେ ଅସାମାଜିକ ଯୁବକଙ୍କ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ଆଳି ବ୍ଲକ ଏକମାଣିଆ ପଞ୍ଚାୟତକୁ ଚାରିପଟୁ ନଦୀ ଘେରି ରହିଛି। ଏକମାଣିଆ ପଞ୍ଚାୟତବାସୀ ରାଜନଗର ବ୍ଲକର କେରେଡାଗଡ଼ ଦେଇ ଘାଟ ପାରି ହୋଇ ଗାଁକୁ ଯାଇଥାନ୍ତି। ଗୁରୁବାର ରାତି ପ୍ରାୟ ୮ଟାରେ ନଳପାହି ଗାଁର ଦଗ୍ଧ ଚାଷୀ ପବିତ୍ର ପରିଡା କେରେଡାଗଡ଼ ବଜାରରେ ଓମ୍‌ଫେଡ ସେଣ୍ଟରରେ ଦୁଗ୍ଧ ଦେଇ ଘରକୁ ଫେରିବା ପାଇଁ କେରେଡ଼ାଗଡ଼ ଘାଟ ନିକଟରେ ପହଞ୍ଚି ଥିଲେ। ଘାଟ ନିକଟରେ କେରେଡାଗଡ଼ ଗାଁର ରାଜା ମାଝି , ଅମୂଲ୍ୟ ନାୟକ, ରାଜା ମାଝିଙ୍କ ସମେତ ୮ରୁ୧୦ଜଣ ମଦ ପିଉଥିଲେ। ପବିତ୍ର ଘାଟ କୂଳରେ ସାଇକେଲ ରଖି ଘାଟିଆକୁ ଡାକିବା ସମୟରେ ଏମାନେ ପବିତ୍ରଙ୍କୁ ଖରାପ ଭାଷାରେ ଗାଳି ଗୁଲଜ କରିବା ସହ ଲୁହାରଡ ଓ ବାଡିରେ ମିଳିତ ଭାବେ ଆକ୍ରମଣ କରିଥିଲେ। ସଂଘବଦ୍ଧ ଆକ୍ରମଣରେ ପବିତ୍ର ଚେତାଶୂନ୍ୟ ହୋଇ ତଳେ ପଡ଼ି ଯାଇଥିଲେ। ସେହି ସମୟରେ ଯୁବକମାନେ ତାଙ୍କ ନିକଟରେ ଥିବା ଦୁଗ୍ଧ ବିକ୍ରି ଟଙ୍କା, ମୋବାଇଲ ଓ ସେ ପିନ୍ଧିଥିବା ସୁନା ଚେନ୍‌କୁ ଛଡାଇ ନେବା ସହ ନଦୀ କୂଳକୁ ଫିଙ୍ଗି ଚାଲି ଯାଇଥିଲେ। ଖବରପାଇ ତାଙ୍କ ଦାଦା ଆସି ଗୁରୁତର ଅବସ୍ଥାରେ ଘାଟ ନିକଟରେ ପଡ଼ିଥିବା ପବିତ୍ରଙ୍କୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ଚିକିତ୍ସା କରିଥିଲେ। ଚେତା ଫେରିବା ପରେ ପବିତ୍ର ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୋଲିସ ନଂ. ୫୨୭/୨୩ ମାମଲା ରୁଜୁ କରିଛି। ମାତ୍ର ଘଟଣାକୁ ୨୪ ଘଣ୍ଟା ବିତି ଯାଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଦୁଗ୍ଧ ଚାଷୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି।

### ରିଷିକେଶରୁ ଗୋ ପ୍ରଜନନ ସମ୍ପର୍କିତ ତାଲିମ ନେଲେ ବିଭିଓ

ରଘୁନାଥପୁର,୨୮।୭ (ରାଜେନ୍ଦ୍ର ନାରାୟଣ ସିଂହ)

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ବିଭିଓ (ପ୍ରାଣୀଧନ ଚିକିତ୍ସା ଅଧିକାରୀ) ଡା.ଚିନ୍ମୟ କୁମାର ସାହୁ ଜିଲାର ଏକମାତ୍ର ବିଭିଓ ଭାବେ ଉତ୍ତରାଖଣ୍ଡ ରିଷିକେଶସ୍ଥିତ ପ୍ରାଣୀଧନ ଉନ୍ନତି ବୋର୍ଡରୁ ଅତ୍ୟାଧୁନିକ ପ୍ରଣାଳୀରେ ଗୋ ପ୍ରଜନନ ସମ୍ପର୍କିତ ତାଲିମ ନେଇ ଫେରିଛନ୍ତି। ଏହ ଅବସରରେ ଲିଙ୍ଗ ନିରୂପିତ ଶୁକ୍ରାଣୁ ପ୍ରୟୋଗ କରି ଉଚ୍ଚ ଗୁଣାବତ୍ତା ସମ୍ପନ୍ନ ମାଈ ବାଛୁରୀ ସୃଷ୍ଟି କରିବା ସମ୍ପର୍କରେ ତାଲିମ ଦିଆଯାଇଥିଲା। ଏହାଛଡ଼ା ଏମ୍ବ୍ରିୟ ଟ୍ରାନ୍ସଫର ଟେକ୍ନୋଲୋଜି ଜରିଆରେ କିପରି ଉଚ୍ଚ ଗୁଣବତ୍ତା ସମ୍ପନ୍ନ ନିର୍ଦ୍ଦିଷ୍ଟ ବର୍ଗର ଷଣ୍ଢ ଓ ଗାଈଙ୍କ ସିମେନକୁ ଯେକୌଣସି ଗାଈଙ୍କ ଗର୍ଭାଶୟରେ ରଖି ଉନ୍ନତମାନର ମାଈ ବାଛୁରୀ ଜନ୍ମ ଦିଆଯାଇପାରିବ ସେ ସମ୍ପର୍କରେ ତାଲିମ୍ ନେଇଛନ୍ତି ବୋଲି ବିଭିଓ ସାହୁ ପ୍ରକାଶ କରିଛନ୍ତି। ଏହାବ୍ୟୟ ସାପେକ୍ଷ ହୋଇଥିଲେ ବି ଆଗାମୀ ଦିନରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି କ୍ଷେତ୍ରରେ ଏହି ପଦ୍ଧତି ଆପଣେଇବା ଜରୁରୀ ବୋଲି ବିଭିଓ ସାହୁ ମତବ୍ୟକ୍ତ କରିଛନ୍ତି। ଫଳରେ ଦୁଗ୍ଧଚାଷୀ ନିଜର ଆର୍ଥିକ ସ୍ଥିତିକୁ ମଜବୁତ କରିବା ସହ ଓଡ଼ିଶା ଦୁଗ୍ଧ ଉତ୍ପାଦନରେ ଏକ ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠିତ ହୋଇପାରିବ ବୋଲି ସେ କହିଛନ୍ତି। ରାଜ୍ୟରୁ ପ୍ରଥମ ପର୍ଯ୍ୟାୟରେ ୨୦ ଜଣ ବିଭିଓ ତାଲିମ ପାଇଁ ମନୋନୀତ ହୋଇ ଗତ ୧୫ ତାରିଖରେ ରିଷିକେଶ ଅଭିମୁଖେ ଯାତ୍ରା କରିଥିଲେ।



ଡା.ଚିନ୍ମୟ କୁମାର ସାହୁ

# ନିରାମୟ ଯୋଜନାରେ ମିଳୁନି ଔଷଧ

କେନ୍ଦ୍ରାପଡ଼ା,୨୮।୭ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ ଉପରେ ରାଜନଗର, ଆଳି, ରାଜକନିକା ବ୍ଲକର ରୋଗୀମାନେ ନିର୍ଭର କରୁଛନ୍ତି। ବିଭିନ୍ନ ଯୋଜନାରେ ସରକାର ଏବେ ଅନେକ ସୁବିଧା ମାଗଣା କରିଦେଇଥିବାରୁ ଡାକ୍ତରଖାନାରେ ରୋଗୀଙ୍କ ସଂଖ୍ୟା ବଢୁଛି। ସରକାର କହୁଛନ୍ତି, ରାଜ୍ୟରେ ନିରାମୟ ଯୋଜନା ଶତ ପ୍ରତିଶତ ସଫଳ ହୋଇଛି। ସବୁ ହସ୍ପିଟାଲରେ ମାଗଣାରେ ରୋଗୀଙ୍କୁ ଔଷଧ ଦିଆଯାଉଛି। ରୋଗୀ ଆଉ ବାହାରୁ ମେଡିସିନ୍ କିଣୁନାହାନ୍ତି। ହେଲେ ନିରାମୟ ଔଷଧ ପାଇବାକୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାପରେ ମଧ୍ୟ ଆବଶ୍ୟକ ଔଷଧ ମିଳୁନାହିଁ। ଫଳରେ ରୋଗୀ ବାହାର ମେଡିସିନ ଦୋକାନରୁ କିଣିବାକୁ ବାଧ ହେଉଛନ୍ତି। ହେଲେ ରାଜ୍ୟ ସରକାରଙ୍କ ନିରାମୟ ଯୋଜନା ବାଟବଣା ହୋଇଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ସାମାଜିକ କର୍ମୀ ଜ୍ୟୋତି ପ୍ରକାଶ ପ୍ରଧାନ କହିଛନ୍ତି, ରୋଗୀଙ୍କୁ ମାଗଣାରେ ଔଷଧ ଯୋଗାଇବା ପାଇଁ ୨୦୧୫ରେ ରାଜ୍ୟ ସରକାର ଆରମ୍ଭ କରିଥିଲେ ନିରାମୟ ଯୋଜନା। ଏଥିରେ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ଗୋଟିଏ କାଉଣ୍ଟର ଖୋଲାଯାଇଛି। ହେଲେ ରୋଗୀଙ୍କ ସଂଖ୍ୟା ଅଧିକ ହେବା ଯୋଗୁ ଏହି କେନ୍ଦ୍ର ଆଗରେ ଲମ୍ବାଧାଡ଼ି ଲାଗୁଛି। ଧାଡ଼ିରେ ଠିଆ ହୋଇଥିବା ରୋଗୀମାନଙ୍କୁ ଅନେକ ଔଷଧ ମିଳୁନି। ଡାକ୍ତର ଲେଖୁଥିବା ସମସ୍ତ ଔଷଧ ଏଠାରେ ମିଳିବା କଷ୍ଟକର ହୋଇପଡୁଛି। ଚିକିତ୍ସାଳୟରେ ଥିବା ଜଣେ ରୋଗୀଙ୍କ ସମ୍ପର୍କୀୟ ବିଜୟ ନାୟକ କୁହନ୍ତି, ଔଷଧ ଚିଠା ଲେଖିବା ବେଳେ ଡାକ୍ତର ସାଦା କାଗଜରେ ବାହାର କମ୍ପାନୀ ଔଷଧ ଲେଖୁଛନ୍ତି। କହୁଛନ୍ତି ସବୁ ନିରାମୟରେ ମିଳୁନାହିଁ। ଯେଉଁ ଔଷଧ ସବୁ ବାହାରୁ କିଣିବାକୁ ପଡୁଛି ତାହାର ଦାମ୍ ଯଥେଷ୍ଟ ଅଧିକ ରହୁଛି। ଡାକ୍ତରଙ୍କ ଡ୍ୟୁଟି ପରେ ଆଉ ଯେଉଁ ଡାକ୍ତର ଆସୁଛନ୍ତି ସେ ପୁଣି ଅଲଗା କମ୍ପାନୀର ଔଷଧ ଲେଖୁଛନ୍ତି। ଗରିବ ରୋଗୀଙ୍କ ପାଇଁ ଅଧିକ ଦାମ୍‌ରେ ଔଷଧ କିଣିବା ସମ୍ଭବ ହେଉନାହିଁ। ଅନ୍ୟପକ୍ଷେ ଡାକ୍ତରମାନେ ଔଷଧ କମ୍ପୋଜିଶନ୍ ଲେଖିବା ବଦଳରେ କମ୍ପାନୀର ନାମ ଲେଖୁଛନ୍ତି। ବଡ଼ ବଡ଼ କମ୍ପାନୀର ଔଷଧ ନିରାମୟ କେନ୍ଦ୍ରରେ ମିଳୁନାହିଁ। ନିରାମୟ ଔଷଧ ବଦଳରେ ବ୍ରାଣ୍ଡେଡ୍ ଔଷଧ ଲେଖାଯାଉଛି। ଡାକ୍ତର ଏବଂ ଔଷଧ କମ୍ପାନୀ ମଧ୍ୟରେ ଭିତିରି ସଲାସୁତରାର ଶିକାର ହେଉଛନ୍ତି ଗରିବ ରୋଗୀ। ଏଣୁ ରାଜ୍ୟ ସରକାର ତୁରନ୍ତ ନିରାମୟ କେନ୍ଦ୍ରରେ କାଉଣ୍ଟର ବଢ଼ାଇବାର ସହିତ ସମସ୍ତ ଔଷଧ ରଖିବାର ଆବଶ୍ୟକତା ରହିଛି। ନିରାମୟ କେନ୍ଦ୍ରରେ ଅଧିକ ପ୍ରକାରର ଔଷଧ ଉପଲବ୍ଧ କରାଗଲେ, ରୋଗୀମାନେ ଔଷଧ କମ୍ପାନୀ ଓ ଡାକ୍ତରଙ୍କ ଶୋଷଣରୁ ମୁକ୍ତି ପାଇପାରିବେ ବୋଲି ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟମାନେ ପ୍ରକାଶ କରିଛନ୍ତି। ସେହିଭଳି ରୋଗୀ ଅର୍ଚ୍ଚନା ପାତ୍ର କୁହନ୍ତି, ନିୟମ ରହିଛି, କେବଳ ନିରାମୟ କେନ୍ଦ୍ରରେ ମିଳୁଥିବା ଔଷଧ ଡାକ୍ତର ଲେଖିବେ। ରୋଗୀଙ୍କୁ ବିନା ମୂଲ୍ୟରେ ସେହି ଔଷଧ ଯୋଗାଇ ଦିଆଯିବ। ହେଲେ ନିରାମୟ କେନ୍ଦ୍ରରେ ମିଳୁଥିବା ଔଷଧ ସମୁଦ୍ରକୁ ଶଙ୍ଖେ। ଥଣ୍ଡା, ଜ୍ୱର, କାଶ ଭଳି ସାଧାରଣ ରୋଗକୁ ଛାଡ଼ି ଦେଲେ ଗୁରୁତର ରୋଗ ପାଇଁ ଏଠାରେ ଔଷଧ ନାହିଁ। ଆଉ, ଡାକ୍ତର ଲେଖୁଥିବା ଦାମୀ ମେଡିସିନ୍ ବାହାର ଔଷଧ ଦୋକାନରେ ମିଳୁଛି। ଏଭଳିସ୍ଥିତିରେ ରାଜ୍ୟ ସରକାର କହୁଛନ୍ତି, ନିରାମୟ ଯୋଜନାରେ ମାଗଣା ଔଷଧ ମିଳୁଛି। ଗରିବ ରୋଗୀ ଏହାର ଫାଇଦା ପାଉଛନ୍ତି, ହେଲେ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ଏପରି ଘଟଣା ନିରାମୟ ଯୋଜନାର ସଫଳ ରୂପାୟନ ଉପରେ ପ୍ରଶ୍ନ ଉଠାଇଛି। କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀଣୀ ଅନିତା ପଟ୍ଟନାୟକଙ୍କୁ ପଚାରିବାରେ ଏଭଳି ଘଟଣାର ଯଦି ସତ୍ୟାତା ଥାଏ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।




**ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ**

- ରୋଗୀ ମାଗଣା ଔଷଧ ଜାଗାରେ ବାହାରୁ ମେଡିସିନ କିଣୁଛନ୍ତି
- ଡାକ୍ତର ସାଦା କାଗଜରେ ବାହାର କମ୍ପାନୀ ଔଷଧ ଲେଖୁଛନ୍ତି

## କେନ୍ଦ୍ରାପଡ଼ାରେ ମହିଳା କଂଗ୍ରେସର ବିକ୍ଷୋଭ




କଂଗ୍ରେସ କର୍ମୀମାନେ ବିକ୍ଷୋଭ କରୁଛନ୍ତି।

କେନ୍ଦ୍ରାପଡା, ୨୮।୭ (ଜଗନ୍ନାଥ ଧଳ)

ମଣିପୁର ନାରୀ ନିର୍ଯାତନା ଘଟଣା ଦେଶ ପାଇଁ ଲଜ୍ଜା। ନାରୀ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଭାଜପା ସରକାର ନୀରବ ଦ୍ରଷ୍ଟା ସାଜିଛି। ଗଣତନ୍ତ୍ରର ଏପରି ହତ୍ୟାକୁ ଦେଶବାସୀ ସହଜରେ ଗ୍ରହଣ କରିବା ଆବଶ୍ୟକ ନାହିଁ। କେନ୍ଦ୍ର ଓ ମଣିପୁର ସରକାରଙ୍କ ବିରୋଧରେ ଏପରି ଅଭିଯୋଗ ଆଣି କେନ୍ଦ୍ରାପଡ଼ା ଜିଲା ମହିଳା କଂଗ୍ରେସ ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶିତ ହୋଇଛି। ସହରର ପୁରୁଣା ବସଷ୍ଟାଠାରେ ଜିଲା ସଭାନେତ୍ରୀ ଜୀନତ ପ୍ରିୟଦର୍ଶିନୀ ରାଉତଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଏ ସମ୍ପର୍କରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା ଗଣେଶ୍ୱର ବେହେରା ଯୋଗଦେଇ କହିଥିଲେ, ମଣିପୁର ରାଜ୍ୟରେ ନାରୀ ସୁରକ୍ଷା ଏବେ ପ୍ରଶ୍ନବାଚୀ ସାଜିଛି। ରାଜ୍ୟର ଅଶାନ୍ତି ଏବେ ଦେଶକୁ ବ୍ୟାପିଛି। ଦୀର୍ଘ ୮୫ଦିନ ହେବ ଆସୁରିକ ଆଚରଣ ହୋଇ ଆସୁଥିବା ବେଳେ ପ୍ରଧାନମନ୍ତ୍ରୀଙ୍କ ମୁହଁ ନ ଖୋଲିବା ଦେଶର ଗଣତନ୍ତ୍ର ପାଇଁ ବିପଦ ସାଜିଛି। ଦେଶର ସୁରକ୍ଷା ପାଇଁ ଏବେ ତୃଣମୂଳସ୍ତରରୁ ଭାଜପା ସରକାର ବିରୋଧରେ ସ୍ୱର ଉଠିଛି। ସେଠାରେ ରାଷ୍ଟ୍ରପତି ଶାସନ ଜାରି ସହ ସମସ୍ତ ଅପରାଧୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ଏଠାରେ ଦାବି ହୋଇଛି। ଏହି ବିକ୍ଷୋଭରେ ମହିଳା କଂଗ୍ରେସର ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ। ଏଥିସହ ବରିଷ୍ଠ ନେତା ଚିନ୍ମୟ ବେହୁରା, ସୌମେନ୍ଦ୍ର ପୃଷ୍ଟି, ମୀର ମୁରସିଦ, ନିରଞ୍ଜନ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

## ମଦ ଚୋରା ଚାଲାଣ: ଜେଲ ଗଲେ ଅଭିଯୁକ୍ତ

ବାଲିକୁଦା,୨୮।୭(ତାପସ ସ୍ୱାଇଁ)

ଦେଶୀ ମଦ ଚୋରା ଚାଲାଣବେଳେ ବାଲିକୁଦା ପୋଲିସ ହାତରେ ଜଣେ ଅଭିଯୁକ୍ତ ଧରାପଡ଼ିଛନ୍ତି। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ଗିରଫ ପରେ ଶୁକ୍ରବାର କୋର୍ଟ ଚାଲାଣ କରାଯାଇ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସେ ହେଲେ ନାଳୋ ଗାଁର ପ୍ରଦୀପ୍ତ ସାହୁ (୪୫)। ସେ ଚୋରା ମଦ କାରବାର କରୁଥିବା ନେଇ ବାଲିକୁଦା ପୋଲିସକୁ କୌଣସି ସୂତ୍ରରୁ ଖବର ମିଳିଥିଲା। ଗୁରୁବାର ସନ୍ଧ୍ୟାରେ ପ୍ରଦୀପ୍ତ ମଦ ନେଇ ନାଳୋ ଛକରେ ଗ୍ରାହକଙ୍କୁ ଅପେକ୍ଷା କରିଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ୮ ଲିଟର ୮୦୦ମିଲିଲିଟର ଦେଶୀ (ଅସ୍କା ଫଟି) ମଦ ଜବତ କରାଯାଇଛି।

## ଡାଙ୍ଗମାଳରେ ବିଜେଡିର ମିଶ୍ରଣ ପର୍ବ



ବିଧାୟକ ଧ୍ରୁବ ସାହୁଙ୍କ ନୂତନ ବିଜେଡି କର୍ମୀମାନଙ୍କୁ ସ୍ୱାଗତ କରୁଛନ୍ତି।

ରାଜନଗର, ୨୮।୭ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଡାଙ୍ଗମାଳଠାରେ ବିଜେଡି ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ୩୨ନଂ. ଜୋନ ଡାଙ୍ଗମାଳ ପଞ୍ଚାୟତରୁ ଗତ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ସମର୍ଥିତ ସରପଞ୍ଚ ପ୍ରାର୍ଥିନୀ ପ୍ରତୀମା ସେଠୀ, ଶମ୍ଭୁନାଥ ସେଠୀ, ପୀତାମ୍ବର ବେହେରା ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି। ରାଜନଗର ବିଧାୟକ ଧ୍ରୁବ ସାହୁ ପୁଷ୍ପଗୁଚ୍ଛ ଓ ଦଳୀୟ ଉତ୍ତରୀୟ ଦେଇ ଯୋଗଦେଇଥିବା ନୂତନ ସଦସ୍ୟମାନଙ୍କୁ ସ୍ୱାଗତ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ନିର୍ମଳ ଭାବମୂର୍ତ୍ତିଓ ବିକାଶ ମୂଳକ କାର୍ଯ୍ୟ ଏବଂ ରାଜନଗର ବିଧାୟକ ସାହୁଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହେଲୁ ବୋଲି ସେଠୀ କହିଛନ୍ତି। ଏହି ମିଶ୍ରଣ ପର୍ବରେ ବିଧାୟକ ସାହୁଙ୍କ ସହିତ କେନ୍ଦ୍ରାପଡ଼ା ଜିଲା ବିଜେଡି ସଭାପତି ଉତ୍କଳ କେଶରୀ ପରିଡା, ଜିଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ପଟ୍ଟାମୁଣ୍ଡାଇ ବ୍ଲକ ସଭାପତି କିଶୋର ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ୩୨ନଂ. ଜୋନ ପର୍ଯ୍ୟବେକ୍ଷକ ଲକ୍ଷ୍ମୀଧର ବାରିକ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସୁଦର୍ଶନ ଦାସ, ଜିଲାପରିଷଦ ସଭ୍ୟା ଖୁକୁମିନା କୁଅଁର, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ବେହେରା, କାନ୍ତିଲତା ବେହେରା, ଡାଙ୍ଗମାଳ ସରପଞ୍ଚ ଦ୍ରୌପଦୀ ସେଠୀ, ସମିତିସଭ୍ୟ ଶ୍ରୀଚରଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି କଣ୍ଡିରା ପଞ୍ଚାୟତ ଅନ୍ତର୍ଗତ ବଡ଼ପାଳଠାରେ ବିଜେଡିର ପଞ୍ଚାୟତ ସଭାପତି ଆର୍ତ୍ତବନ୍ଧୁ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବଜେଡିର ବ୍ଲକ ସଭାପତି ଅଶୋକ କୁମାର ପ୍ରତିହାରୀ ଯୋଗଦେଇ କଂଗ୍ରେସ ଓ ଭାଜପା ଦଳ ଛାଡି ବିଜେଡିରେ ମିଶିଥିବା ଅମଳ ମଣ୍ଡଳ, ବନମାଳୀ ମାଇତି, ଦେବୁ ମଣ୍ଡଳ, ହେମନ୍ତ ମାଇତି, ସପନ ମଣ୍ଡଳ, ବିରେଶ୍ୱର ସାମନ୍ତରାୟ, ମମତା ମାଇତି, ବିଶ୍ୱଜିତ ସାମନ୍ତରାୟ ପ୍ରମୁଖ ୨୦ରୁ ଊର୍ଦ୍ଧ୍ୱ ପରିବାର ବିଜେଡିରେ ସାମିଲ ହୋଇଛନ୍ତି। ନୂତନ କର୍ମୀମାନଙ୍କୁ ବ୍ଲକ ସଭାପତି ପ୍ରତିହାରୀ ପୁଷ୍ପଗୁଚ୍ଛ ଓ ଦଳୀୟ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ବିଜେଡି ସଭାପତି ରମେଶ ସ୍ୱାଇଁ, ସରୋଜକାନ୍ତ ରାଉତ, ୩୧ନଂ. ସୋସିଆଲ ମିଡିଆ ସଂଯୋଜକ ରୋହିତ ରାଉତ, ଜ୍ଞାନ ରଞ୍ଜନ ନାୟକ, ସୁବାସ ଜେନା, ବିଜ୍ଞାନ ବେହୁରା, ନିରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଖଡ଼ିଅଣ୍ଟା ପଞ୍ଚାୟତ: ସିଆର୍‌ପି ନିଯୁକ୍ତିରେ ଅନିୟମିତତା ଅଭିଯୋଗ

ପଟ୍ଟାମୁଣ୍ଡାଇ,୨୮।୭ (ଅକ୍ଷୟ ବିଶ୍ୱାଳ)



ପଟ୍ଟାମୁଣ୍ଡାଇ ବ୍ଲକ ଖଡିଅଣ୍ଟା ପଞ୍ଚାୟତରେ ସ୍ୱୟଂ ସହାୟିକା ଗୋଷ୍ଠୀର ସିଆରପି ନିଯୁକ୍ତିରେ ଅନିୟମିତତା ଅଭିଯୋଗରେ ଶୁକ୍ରବାର ୨୫ ଜଣ ସ୍ୱୟଂ ସହାୟିକା ସଦସ୍ୟା ବିଡିଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଏହାସହ କୌଣସି ପ୍ରତିକାର ଗ୍ରହଣ କରା ନ ଗଲେ ବିଡିଓଙ୍କ ଅଫିସ ସମ୍ମୁଖରେ ଗଣଧାରଣା ଦେବେ ବୋଲି ଚେତାଇ ଦେଇଥିଲେ। ବିଡିଓ ସୁଭ୍ରାଂଶୁ ସାହୁ ଏହି ଘଟଣାର ତଦନ୍ତ କରି ୨ଦିନ ମଧ୍ୟରେ ଦୃଢ ପଦକ୍ଷେପ ଗ୍ରହଣ କରିବେ ବୋଲି ସେମାନଙ୍କୁ କହିଥିଲେ। ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ କହିଛନ୍ତି, ସିଆରପି ନିଯୁକ୍ତ ନିମନ୍ତେ କୌଣସି ଠିକ ପଦକ୍ଷେପ ଗ୍ରହଣ କରାଯାଇନାହିଁ। କିନ୍ତୁ ଉଚ୍ଚବର୍ଗର ମହିଳାଙ୍କୁ ନିଯୁକ୍ତ ଦିଆଯାଇଛି। ଏହାର ବିଧିବଦ୍ଧ ଭାବେ ତଦନ୍ତ କରି ପଦକ୍ଷେପ ନେବା ପାଇଁ ବିଡିଓଙ୍କ ନିକଟରେ ଦାବି କରିଛନ୍ତି। ଅନୁସୂଚିତ ଜାତି ବର୍ଗର ବିନିତା ମଳିକ ଜଣେ ପ୍ରାର୍ଥୀ ଥିବାବେଳେ କିପରି ଉଚ୍ଚବର୍ଗର ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଗଲା ସେ ନେଇ ତଦନ୍ତ କରିବାକୁ ବିଡିଓଙ୍କ ନିକଟରେ ଦାବି ହୋଇଛି। ଏହି ମହାସଂଘର ୭ଟି ସ୍ୱୟଂ ସହାୟିକା ଗୋଷ୍ଠୀ ସାଇବାବା ସ୍ୱୟଂ ସହାୟିକା ଗୋଷ୍ଠୀର ଭଗବତୀ ମଳିକ, ପ୍ରମିଳା ଦାସ, ମା' ଅନ୍ନଦାତ୍ରୀ ସ୍ୱୟଂ ସହାୟିକା ଗୋଷ୍ଠୀର ବାୟାଣୀ ମଳିକ, କବିତା ମଳିକ, ଖରାଖାଇ ସ୍ୱୟଂ ସହାୟିକା ଗୋଷ୍ଠୀର ରେବତୀ ଦାସ, ବିଜୟାଲକ୍ଷ୍ମୀ ମଳିକ, କପିଳେଶ୍ୱର ସ୍ୱୟଂ ସହାୟିକା ଗୋଷ୍ଠୀର ପୁଷ୍ପଲତା ମଳିକ,ମାନସୀ ମଳିକ, ମା' ମଙ୍ଗଳା ସ୍ୱୟଂ ସହାୟିକା ଗୋଷ୍ଠୀର ଡଲି ମଳିକ, ଦେବସ୍ମିତା ମଳିକ, ମା' ତାରିଣୀ (କ) ସ୍ୱୟଂ ସହାୟିକା ଗୋଷ୍ଠୀର ଲକ୍ଷ୍ମୀପ୍ରିୟା ମଳିକ,ଅନୁ ମଳିକ, ମା' ତାରିଣୀ (ଖ) ସ୍ୱୟଂ ସହାୟିକା ଗୋଷ୍ଠୀର ବିନିତା ମଳିକ, ରଗଲତା ମଳିକ, ମା' ଥାନପତି(କ) ସ୍ୱୟଂ ସହାୟିକା ଗୋଷ୍ଠୀର ମଞ୍ଜୁଲତା ମଳିକ ଓ ବୁଢୀ ଜାଗୁଳାଇ ସ୍ୱୟଂ ସହାୟିକା ଗୋଷ୍ଠୀର କବିତା ମଳିକ, ମଧୁସ୍ମିତା ମଳିକ ପ୍ରମୁଖ ସଦସ୍ୟା ଦାବି କରିଛନ୍ତି।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ରାଜନଗର, ୨୮।୭ (ଭାସ୍କର ରାଉତରାୟ)

ରାଜନଗର ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ସେହି ଗ୍ରାମର ଯୁବକ ବଳାତ୍କାର କରିଥିବା ନେଇ ପୀଡିତାଙ୍କ ମାଆ ଶୁକ୍ରବାର ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ନଂ. ୫୨୫/୨୩ରେ ମାମଲା ରୁଜୁ କରାଯାଇଛି। ଏହି ସମ୍ବେଦନଶୀଳ ଘଟଣା ସମ୍ପର୍କରେ ଆଇଆଇସି ଅଜୟ କୁମାର ଜେନାଙ୍କୁ ପଚାରିବାରୁ ପୀଡିତାଙ୍କ ମାଆଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି।

## ଜିଲାସ୍ତରୀୟ ବିଶ୍ୱ ହେପାଟାଇଟସ ଦିବସ

କେନ୍ଦ୍ରାପଡ଼ା,୨୮।୭ (ଜଗନ୍ନାଥ ଧଳ)

ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ଜିଲାସ୍ତରୀୟ ବିଶ୍ୱ ହେପାଟାଇଟସ ଦିବସ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅନିତା ପଟ୍ଟନାୟକଙ୍କ ପୌରୋହିତ୍ୟରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟ ସଭାଗୃହରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ସିଡିଏମ୍‌ଓ ଡା. ପଟ୍ଟନାୟକ ହେପାଟାଇଟିସ ରୋଗର ଭୟଭୟତା, ନିଦାନ ଓ ତା'ର ନିରାକାରଣ ଉପରେ ଆଲୋଚନା କରିଥିଲେ। ଏହି ସଭାରେ ଡା. ସଚ୍ଚିଦାନନ୍ଦ ମିଶ୍ର, ଶାନ୍ତିଲତା ଚାନ୍ଦ, କୃଷ୍ଣଚନ୍ଦ୍ର ଲୁହା ଓ ସତ୍ୟ ନାରାୟଣ ସିଂ ଜିଲାର ପକ୍ଷରୁ ଯୋଗଦାନ କରି ହେପାଟାଇଟସ କିପରି ନିରାକରଣ ହେବ ସେ ବିଷୟରେ ଆଶା କର୍ମୀ ଓ ଛାତ୍ରୀଛାତ୍ରମାନଙ୍କୁ ଆଲୋକପାତ କରିଥିଲେ। ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିରାକାର ପରିଡା ସ୍ୱାଗତଭାଷଣ ଦେଇ ଜିଲା ଓ ବ୍ଲକର ସମସ୍ତ କର୍ମଚାରୀ, ଆଶା କର୍ମୀ ଓ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରିଥିଲେ। ଏଥି ପୂର୍ବରୁ ବାଳିକା ଉଚ୍ଚ ବିଦ୍ୟାଳୟ ହୋଇଥିବା କୁଇଜରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ସଭାରେ ବ୍ଲକର ନୃସିଂହ ଚରଣ ଦାସ, ପ୍ରଶାନ୍ତ କୁମାର ଜେନା, ଚିତ୍ତରଞ୍ଜନ ଚାନ୍ଦ, ସଞ୍ଜୟ କୁମାର ଦାସ, ଓ ଦୀପକ ମହାରଣା ପ୍ରମୁଖ ଯୋଗ ଦେଇଥିଲେ।




କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଅନ୍ୟମାନେ।

## ପକ୍କାଘର ପାଇବାରୁ ବଞ୍ଚିତ ୨ ଅସହାୟ ଭଉଣୀ

ରଘୁନାଥପୁର,୨୮।୭ (ରାଜେନ୍ଦ୍ର ନାରାୟଣ ସିଂହ)

- ଜଣେ ବିଧବା, ଅନ୍ୟ ଜଣେ ଦିବ୍ୟାଙ୍ଗ
- ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି

ସରକାରଙ୍କ କଟକଣା ସତ୍ତ୍ୱେ ଅନେକ ଅଯୋଗ୍ୟ ହିତାଧିକାରୀ ଘର ହାତେଇ ନେବାକୁ ସକ୍ଷମ ହେଉଥିବାବେଳେ ପ୍ରକୃତ ଯୋଗ୍ୟ ବ୍ୟକ୍ତି ଆବାସ ଯୋଜନାରେ ପକ୍କାଗୃହ ପାଇବାରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କ ପାଖରେ ପ୍ରଶାସନ ପହଞ୍ଚି ପାରୁ ନ ଥିବାବେଳେ ଜନପ୍ରତିନିଧିଙ୍କ ସ୍ୱର ସେମାନଙ୍କ ପାଇଁ କ୍ଷୀଣ ହୋଇଯାଉଛି। ଏପରି ହୃଦୟବିଦାରକ ଘଟଣା ଦେଖିବାକୁ ମିଳିଛି ରଘୁନାଥପୁର ବ୍ଲକ ସାଦେଇପୁର ପଞ୍ଚାୟତ ସ୍ୱର୍ଗବ୍ରହ୍ମପୁର ଗ୍ରାମରେ। ଏଠାକାର ଏକ ଦଳିତ ପରିବାର ୨ ଅସହାୟ ଭଉଣୀଙ୍କ ପାଇଁ ପକ୍କାଘର ପାଇବାରୁ ବଞ୍ଚିତ ହୋଇଛନ୍ତି। ଜଣେ ହେଲେ ବନିତା ବେହେରା ଓ ଅନ୍ୟ ଜଣେ ହେଲେ ପ୍ରମିଳା ବେହେରା। ସ୍ୱାମୀଙ୍କ ମୃତ୍ୟୁ ପରେ ବନିତା ନିଜ ବାପଘରେ ଆଶ୍ରୟ ନେଇଥିବାବେଳେ ଅନ୍ୟ ଭଉଣୀ ପ୍ରମିଳା ଭିନ୍ନକ୍ଷମ ପରିବାରରେ ରହୁଛନ୍ତି। ବାପା ପହଲି ବେହେରା ରୋଗଗ୍ରସ୍ତ ଅବସ୍ଥାରେ ଶଯ୍ୟାଶାୟୀ। ଏକମାତ୍ର ଭାଇ ଜଗନ୍ନାଥଙ୍କ ଉପରେ ୨ ଭଉଣୀ ନିର୍ଭରଶୀଳ। ଜଗନ୍ନାଥ ମୂଲ ମଜୁରି ଲାଗି କଷ୍ଟମଷ୍ଟେ ପରିବାର ଚଳାଉଥିବାବେଳେ ବେଳେବେଳେ ଉପାସ ରହିବାକୁ ପଡୁଛି। ବାପା ପହଲି ମହାବାତ୍ୟା ପରେ ପାଇଥିବା ଏକ ପକ୍କାଘରେ ପରିବାରର ୯ ପ୍ରାଣୀ କୁଟୁମ୍ବ ରହିବା ପାଇଁ ଘୋର ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ବିଧବା ବନିତାଙ୍କ ଜଣେ ପୁଅ ଓ ଜଣେ ଝିଅ ଅଛନ୍ତି। ଏହି ବ୍ଲକରୁ ଭତ୍ତା ପାଉଛନ୍ତି। ତେବେ ରାଶନ କାର୍ଡ ନ ଥିବାରୁ ଚଳିବାରେ ଅସୁବିଧା ହେଉଛି।

ମୁଣ୍ଡ ଗୁଞ୍ଜିବା ପାଇଁ ଘରଟିଏ ନଥିବାରୁ ନିଚାଳିଆରେ ଅତି କଷ୍ଟରେ ଜୀବନ କାଟୁଛନ୍ତି ବୋଲି ଦୁଃଖର ସହ କହିଛନ୍ତି। ସେହିପରି ଭିନ୍ନକ୍ଷମ ପ୍ରମିଳା ଗୋଟିଏ ଘରେ ବାପା, ଭାଇ ଭାଉଜ ଓ ପୁତୁରା ଝିଆରୀଙ୍କ ମଧ୍ୟରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହୁଥିବା କହିଛନ୍ତି।। ୨ ଭଉଣୀଙ୍କୁ ୨ଟି ପକ୍କା ଗୃହ ଯୋଗାଇ ଦେବା ପାଇଁ ବ୍ଲକ ପ୍ରଶାସନ ପାଖରୁ ଆରମ୍ଭ କରି ଜିଲାପାଳ, ୫-ଟି ସଚିବ ଓ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ହେଲେ ଲିଷ୍ଟରେ ନାମ ନ ଥିବାରୁ ସମସ୍ତେ ଏମାନଙ୍କ କଥାକୁ ଅଗ୍ରାହ୍ୟ କରିଦେଇଥିବାର ସାମାଜିକ କର୍ମୀ ଦୀପକ ରଞ୍ଜନ ପଣ୍ଡା କ୍ଷୋଭର ସହ କହିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ସେ ଅନୁରୋଧ କରିଛନ୍ତି। ନଚେତ ଦୁଇ ଭଉଣୀଙ୍କ ସହ ସେ ନିଜେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ସାମାଜିକ କର୍ମୀ ପଣ୍ଡା ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ତପନ କୁମାର ସେନାପତିଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।



ମହିଳା ଜଣକ ରହୁଥିବା ଚାଳାଘର ଦେଖାଉଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୯ ଜୁଲାଇ, ୨୦୨୩

## ସ୍କୁଲ ବସରୁ ଜରିମାନା ଆଦାୟ

କାଶୀନଗର,(ଟି.କ୍ରିଷ୍ଣାରାଓ): ଚଳାଚଳ ଉପଯୋଗୀ ପ୍ରମାଣପତ୍ର ନଥିବା ଏକ ବସକୁ ଏକ ପବ୍ଲିକ ସ୍କୁଲ ବ୍ୟବହାର କରୁଥିବା ଅଭିଯୋଗ ହେବା ଗୁରୁବାର ସେହି ବସ୍ ଉପରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଏକ ଟିମ ଚଢ଼ଉ କରିଥିବା ଜଣାପଡିଛି। କୌଣସି ସୂତ୍ରରୁ ସୂଚନା ପାଇ ଚଢ଼ାଉର ଅବ୍ୟବହିତ ପୂର୍ବରୁ ଛାତ୍ରୀଛାତ୍ରଙ୍କୁ ବସରୁ ଓହ୍ଲାଇ ଦିଆଯାଇଥିଲା। ଡ୍ରାଇଭରଙ୍କୁ ବି ଇନ୍ସପେକ୍ଟର ଓ କର୍ମଚାରୀମାନେ କାବୁ କରି ପାରିନଥିଲେ। ଚଢ଼ାଉର ନେତୃତ୍ୱ ନେଇଥିବା ଇନ୍ସପେକ୍ଟରଙ୍କ କହିବା ଅନୁଯାୟୀ ଡ୍ରାଇଭର ଖସିଯାଇଥିଲେ ବି ସ୍କୁଲକୁ ୧୫ ହଜାର ଟଙ୍କା ଜରିମାନା କରାଯାଇଛି। ତଦନ୍ତରେ ସ୍କୁଲ କର୍ତ୍ତୃପକ୍ଷ ସହଯୋଗ କରୁନାହାନ୍ତି। ସ୍କୁଲ ଅଧକ୍ଷ କହିଛନ୍ତି କିନ୍ତୁ ସ୍କୁଲ ବାହାରର ଘଟଣା ପାଇଁ ତାଙ୍କୁ ପ୍ରଶ୍ନ କରାଯିବା ଅନୁଚିତ।

### ସଂକ୍ଷେପରେ

## ଗୁଟ୍‌ଖା ବିକ୍ରି ଉପରେ ଚଢ଼ାଉ, ଦୋକାନୀଙ୍କ ମଧ୍ୟରେ ଛନକା

ଗଞ୍ଜାମ,୨୮।୭(ବିଦ୍ୟାଧର ସାହୁ)

ଗତ କିଛି ଦିନ ତଳେ ପୁଇଁତୋଳା ଛକଠାରେ ଏକ ପାନ ଦୋକାନୀ ଦୁଇ ଭାଇଙ୍କୁ ଚୋରା ଗଞ୍ଜେଇ ଚାଲାଣ ଅଭିଯୋଗରେ କର୍ନାଟକ ପୋଲିସ ରାତିରେ ଉଠାଇ ନେଇଥିଲା। ଏହି ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ଚେଇଁ ଉଠିଛି ପୋଲିସ ପ୍ରଶାସନ। ସେହି ଦିନ ଠାରୁ ସ୍ଥାନୀୟ ଲାଇନ ଦୋକାନଗୁଡିକ ପ୍ରତି ଗଞ୍ଜାମ ଥାନା ପୋଲିସ ତରଫରୁ କଡା ନଜର ରଖାଯାଇଛି। ଥାନା ଅଧିକାରୀ ସନ୍ତୋଷ କୁମାର ବେହେରାଙ୍କ ନେତୃତ୍ୱରେ ଏକ ଟିମ ରାଜପଥ ପାର୍ଶ୍ୱରେ ଥିବା ଦୋକାନଗୁଡିକରେ ଶୁକ୍ରବାର ଚଢ଼ାଉ କରାଯାଇଥିଲା। ଉକ୍ତ ଦୋକାନଗୁଡିକ ସାରା ରାତି ଖୋଲି ବେପାର କରୁଥିବା ଉପରେ ରୋକ ଲଗାଇଛି ପୋଲିସ। ରାତ୍ର ୧୦ଟା ପରେ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ସମୟରେ ଲାଇନ ଟ୍ରକର ଟାଙ୍କିରୁ ଡିଜେଲ ବାହାର କରାଯିବା ଉପରେ ମଧ୍ୟ ତୀକ୍ଷ୍ଣ ଦୃଷ୍ଟି ରଖାଯାଇଛି ବୋଲି ଥାନା ଅଧିକାରୀ ସନ୍ତୋଷ କୁମାର ସାହୁ ସୂଚନା ଦେଇଛନ୍ତି। ରାତ୍ର ୧୦ ପରେ ଯେଉଁ ଦୋକାନ ଖୋଲା ରହିଥିବ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଗଞ୍ଜାମ ଥାନା ପୋଲିସ ପକ୍ଷରୁ କୁହାଯାଇଛି।

## ଯୁବତୀଙ୍କ ଆତ୍ମହତ୍ୟା

ଖଲ୍ଲିକୋଟ,୨୮।୭(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଦାନପୁର ଗ୍ରାମରେ ବିଷାକ୍ତ ଦ୍ରବ୍ୟ ପାନ କରି ଜଣେ ଯୁବତୀ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ଗୁରୁବାର ସନ୍ଧ୍ୟାରେ ଦାନପୁର ଗ୍ରାମର ବର୍ଷା ଡାକୁଆ କୌଣସି କାରଣକୁ ନେଇ ବିଷାକ୍ତ ଦ୍ରବ୍ୟ ପାନ କରିଦେଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଯୁବତୀଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଶୁକ୍ରବାର ସକାଳେ ପୋଲିସ ମେଡ଼ିକାଲରେ ପହଞ୍ଚି ମୃତଦେହ ଜବତ କରି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

## ଦାଦନ ହୋଇଯାଇଥିଲେ, ଶବ ହୋଇ ଫେରିଲେ

ଜଗନ୍ନାଥପ୍ରସାଦ,୨୮।୭(ବିଭୁପ୍ରସାଦ ପଟ୍ଟନାୟକ):

ଅର୍ଥାଭାବ ଯୋଗୁ ପେଟପାଟଣା ପାଇଁ ଚେନ୍ନାଇକୁ ଦାଦନ ଖଟିବାକୁ ଯାଇଥିବା ଏହି ବ୍ଲକର ଅଲାଡି ଗ୍ରାମର କେଳା ପୋଲେଇ(୪୭)ଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ଖବର ନେବାରେ ଜଣାପଡିଛି, ଅଲାଡି ଗ୍ରାମ ବଡ଼ଦାଣ୍ଡ ସାହିର କେଳା ପୋଲେଇ ଅଭାବରୁ ମୁକ୍ତି ପାଇବା ଆଶାରେ ୨୦ଦିନ ପୂର୍ବେ ଗ୍ରାମର କିଛି ଲୋକଙ୍କ ସହିତ ଶ୍ରମିକ ଭାବେ କାମ କରିବା ପାଇଁ ଚେନ୍ନାଇ ଯାଇଥିଲେ। ଶୁକ୍ରବାର ସକାଳୁ ଗ୍ରାମର କିଛି ଲୋକ ଖବର ଦେଇଥିଲେ, କେଳା କାର୍ଯ୍ୟ କରୁଥିବା ବେଳେ ହଠାତ ପଡିଯିବାରୁ ତାଙ୍କୁ ମେଡିକାଲକୁ ନିଆଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ସରପଞ୍ଚ ବାବାଜୀ ପୋଲେଇ ଗ୍ରାମ ଲୋକଙ୍କ ସହିତ ଯୋଗାଯୋଗ କରି କମ୍ପାନୀ ମାଲିକଙ୍କୁ କହି ସେଠାରୁ କେଳାଙ୍କ ମୃତଦେହ ଆଣିବା ପାଇଁ ଅନୁରୋଧ କରିଥିଲେ। ଏହାପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ଆମ୍ବୁଲାନ୍ସରେ ସନ୍ଧ୍ୟାରେ ମୃତଦେହକୁ ଗ୍ରାମରେ ପହଞ୍ଚା ଯାଇଥିଲା। ଶୋକାକୁଳ ପରିବେଶ ମଧ୍ୟରେ ଗ୍ରାମ ମଶାଣିରେ ସତ୍କାର କରାଯାଇଥିଲା।

## ଘର ପଟ୍ଟା ଦାବି ନେଇ ଅନଶନ ଜାରି, ଅସୁସ୍ଥ ୨ଙ୍କୁ ପଠାଗଲା ହସ୍ପିଟାଲ

ଛତ୍ରପୁର,୨୮।୭(ସନ୍ତୋଷ ପାଢ଼ୀ)

ଆର୍ଜିପଲିରେ ଘର ପଟ୍ଟା ଦାବି ନେଇ ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଚାଲିଥିବା ଆମରଣ ଅନଶନ ଶୁକ୍ରବାର ଚତୁର୍ଥ ଦିନରେ ପହଞ୍ଚିଛି। ଅନଶନସ୍ଥଳରେ ବି. କୈଳାସ ଓ ବିପ୍ର ଚରଣ ଜେନା ଅସୁସ୍ଥ ହୋଇ ପଡିବାରୁ ଛତ୍ରପୁର ହସ୍ପିଟାଲ ଟିମ ପହଞ୍ଚି ସେମାନଙ୍କର ଚିକିତ୍ସା କରିଥିଲେ। ପରେ ଉଭୟଙ୍କୁ ଅଧିକ ଚିକିତ୍ସା ପାଇଁ ଛତ୍ରପୁର ହସ୍ପିଟାଲକୁ ନିଆଯାଇଥିଲା। ସୂଚନା ମୁତାବକ ୧୯୭୮ ଠାରୁ ଆର୍ଯ୍ୟପଲ୍ଲୀ ଗ୍ରାମପଞ୍ଚାୟତର ସାନ ଆର୍ଯ୍ୟପଲ୍ଲୀ, ବଡ଼ ଆର୍ଯ୍ୟପଲ୍ଲୀ, କେ ଆର୍ଯ୍ୟପଲ୍ଲୀ ଏବଂ କଦୁରୁ ଗ୍ରାମର ପଟ୍ଟା ଜିଲା ପ୍ରଶାସନ ପ୍ରାୟ ୧୮୦୦ ପରିବାରକୁ ପ୍ରଦାନ କରିନାହିଁ। ଯାହାଫଳରେ, ଜାତି ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ଆବାସିକ ପ୍ରମାଣପତ୍ର ନ ପାଇ ସେମାନେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ତେଣୁ ଭାରତୀୟ ବିକାଶ ପରିଷଦ, ଆର୍ଯ୍ୟପଲ୍ଲୀ ଗ୍ରାମ ପଞ୍ଚାୟତର ଲୋକମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନରେ ବସିଛନ୍ତି।

# ଗ୍ରାମସଭା ଦ୍ୱାରା ସରକାରୀ କାର୍ଯ୍ୟ ସଫଳ ହେବ

ଛତ୍ରପୁର,୨୮।୭(ସନ୍ତୋଷ ପାଢ଼ୀ)

■ ଚାଷୀ ପଞ୍ଜୀକରଣ ଲକ୍ଷ୍ୟ ପୂରଣ ନିର୍ଦ୍ଦେଶ
■ ଆଧାର-ଭୋଟର କାର୍ଡ ସଂଯୋଗ କର


ବୈଠକରେ ଉପସ୍ଥିତ ଅଧିକାରୀ।

ଗଞ୍ଜାମ ଜିଲାରେ ସଂପ୍ରତି ଚାଲିଥିବା ୩ଟି କାର୍ଯ୍ୟକ୍ରମକୁ ବ୍ୟାପକ କରିବା ସକାଶେ ଗ୍ରାମସଭା କରି ଆଲୋଚନା କରିବାକୁ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଗୁରୁତ୍ୱାରୋପ କରିଛନ୍ତି। ଶୁକ୍ରବାର ଆଭାସୀ ବୈଠକରେ ଏହି ସୂଚନା ଦେଇ ଜିଲାପାଳ ଅବଗତ କରାଇଛନ୍ତି ଯେ, ଜନପ୍ରତିନିଧି, ଗାଁ ମୁଖିଆ, ଗ୍ରାମବାସୀ ଏବଂ ସରକାରୀ ଅଧିକାରୀ ଏକାଠି ବୈଠକ କରନ୍ତୁ। ସେଥିରେ ବର୍ତ୍ତମାନ ସରକାରଙ୍କ ୩ଟି ମୁଖ୍ୟ କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାର ଚାଷୀଙ୍କ ପଞ୍ଜୀକରଣ, ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟକ୍ରମ ଏବଂ ଫାଇଲେରିଆ ରୋଗର ସମ୍ପୂର୍ଣ୍ଣ ମୂଳପୋଛ ସକାଶେ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ ଲୋକଙ୍କ ସହଭାଗିତା ସକାଶେ ଗୁରୁତ୍ୱ ଦିଆଯାଉ।

ଜିଲାରେ ଅଗଷ୍ଟ ୧୬ ସୁଦ୍ଧା ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ୨ ଲକ୍ଷ ୩୦ ହଜାର ୫୯୦ ଜଣ ଚାଷୀଙ୍କୁ ପଞ୍ଜୀକରଣ କରିବାର ଅଛି। ଗତବର୍ଷ ସୁଦ୍ଧା ୧ ଲକ୍ଷ ୭ ହଜାର ଚାଷୀ ପଞ୍ଜୀକରଣ ହୋଇଛନ୍ତି। ଚଳିତବର୍ଷ ୩୧ ହଜାର ୯୭୦ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ବଳକା ଚାଷୀ ଯେଭଳି ନିର୍ଦ୍ଧାରିତ ସମୟ ମଧ୍ୟରେ ପଞ୍ଜୀକରଣ କରିବେ ସେ ନେଇ ସଚେତନତା କାର୍ଯ୍ୟକୁ ବ୍ୟାପକ କରାଯାଉ। ସରକାର ଚାଷୀଙ୍କ ପ୍ରିମିୟମ ଟଙ୍କା ବୀମା କମ୍ପାନୀଙ୍କୁ ଦେଉଛନ୍ତି। ଚାଷୀ କେବଳ ଏକ ଟଙ୍କା ମାତ୍ର ଜମା ଦେଇ ଫସଲ ବୀମାରେ ଅନ୍ତର୍ଭୁକ୍ତ ହୋଇପାରିବେ। ଦ୍ୱିତୀୟତଃ ଭୋଟର ତାଲିକାର ସଂଶୋଧନ କାର୍ଯ୍ୟ ଚାଲିଛି। ଘରକୁ ଘର ବୁଲି ସଂଶୋଧନ କାର୍ଯ୍ୟ ବୁଥସ୍ତରୀୟ ଅଧିକାରୀମାନଙ୍କ ଦ୍ୱାରା ଚାଲିବ। ଏହି କାର୍ଯ୍ୟ ସଫଳ କରିବା ସକାଶେ ଗ୍ରାମସଭାରେ ଆଲୋଚନା କରିବାକୁ ଜିଲାପାଳ କହିଥିଲେ। ସହରାଞ୍ଚଳଗୁଡିକରେ ୱାର୍ଡ ସଭା ଆଗତ କରି ସଚେତନ କରିବାକୁ କୁହାଯାଇଛି। ଆସନ୍ତା ୦୧.୧୦.୨୦୨୩ ସୁଦ୍ଧା ଯେଉଁ ନାଗରିକ ମାନଙ୍କର ବୟସ ୧୮-୧୯ ବର୍ଷ ହେବ ସେମାନଙ୍କ ନାମ ପଞ୍ଜୀକରଣ କରାଇବା ସକାଶେ ତଥ୍ୟ ସଂଗ୍ରହ କରିବେ। ସେହିପରି ଆଧାର କାର୍ଡ ସଂଯୋଗ କରିବାକୁ ଗୁରୁତ୍ୱ ଦେଇ କହିଥିଲେ ଜିଲାର ୮୩ ପ୍ରତିଶତ ଲୋକଙ୍କର ଆଧାରକାର୍ଡ ସହିତ ଭୋଟର ତାଲିକା ସଂଯୋଗ ହୋଇଛି। ଏହା ଶତପ୍ରତିଶତ ପୂର୍ଣ୍ଣ ହେବ ସେହି ଦିଗ ପ୍ରତି ଦୃଷ୍ଟି ଦେବାକୁ ଜଣାଇଥିଲେ। ତୃତୀୟତଃ ଜିଲାରୁ ଫାଇଲେରିଆ ରୋଗର ସମ୍ପୂର୍ଣ୍ଣ ନିରାକରଣ ସକାଶେ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ଅଗଷ୍ଟ ୧୦ ତାରିଖଠାରୁ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ବର୍ଷକୁ ଥରେ ମାତ୍ର ଔଷଧ ସେବନ କରି ଏହି ରୋଗରୁ ବର୍ତ୍ତିପାରିବ। ଲୋକଙ୍କ ହାତରେ ଏଣିକି ଔଷଧ ଧରାଇ ଦିଆଯିବ ନାହିଁ। ଏଏନଏମ ଏବଂ ଆଶାକର୍ମୀଙ୍କ ସାମ୍ନାରେ ଲୋକେ ଔଷଧ ଖାଇବେ। ଜିଲାର ଜନସଂଖ୍ୟା ୩୮,୫୪,୦୪୩ ଅନୁସାରେ ୧୨୬୬୮ ଜଣ ଔଷଧ ବିତରଣ ପ୍ରଶାସକ ୧୨୬୭ ଜଣ ସୁପରଭାଇଜର୍, ୧୧୯ଟି ଆର୍.ଆର୍.ଟି ଦଳ ଔଷଧ ଖୁଆଇବା କାର୍ଯ୍ୟରେ ନିୟୋଜିତ ହେବେ। ଡିଇସି ବଟିକା ୭୫୧୪୨୨୩ଟି ଇନଭରମେକ୍ଟିନ ବଟିକା ୭୫୧୪୨୨୩ ଟି ଏବଂ ଆଲବେଣ୍ଡାଜୋଲ ବଟିକା ୩୦,୦୫,୬୮୯ଟି ଆବଶ୍ୟକ। ଏଥିସକାଶେ ପୂର୍ବ ପ୍ରସ୍ତୁତି ବୈଠକ ଓ ସଚେତନତା କାର୍ଯ୍ୟ ଶେଷ ହୋଇଛି। ଗ୍ରାମ ସଭା ଆୟୋଜନ କରି ଏହି ସମସ୍ତ କାର୍ଯ୍ୟର ସଫଳ ଦିଗରେ ପ୍ରୟାସ କରିବାକୁ ଜିଲାପାଳ ସମସ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ କୀର୍ତ୍ତିଭାସନ ଭି, ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଉମା ଶଙ୍କର ମିଶ୍ର, ୩ ଉପଖଣ୍ଡର ଉପଜିଲାପାଳ ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ଧୁକ ଜବତ, ୨ ଗିରଫ

କୋଦଳା,୨୮।୭(ଅମିତ କୁମାର ପଟ୍ଟନାୟକ)

ଗତ ଏପ୍ରିଲ ମାସରେ କୋଦଳା ଥାନା ଅନ୍ତର୍ଗତ କଞ୍ଚଣା ଗ୍ରାମର ଅର୍ଜୁନ ପଲିଟ୍ରି କୁକୁଡ଼ା ଫାର୍ମରେ ଦାଦାବଟି ମାଗିବା ଏବଂ ବୋମାମାଡ଼ କରିବା ଅଭିଯୋଗରେ କୋଦଳା ପୋଲିସ ଦୁଇଜଣଙ୍କୁ ଗିରଫ କରିଛି। ଗିରଫ ଦୁଇଜଣ ହେଲେ ବେଗୁନିଆପଡା ଥାନା ଅନ୍ତର୍ଗତ ଶ୍ରଦ୍ଧାପୁର ଗ୍ରାମର ଟୁନା ଗୌଡ଼ ଏବଂ ପିଣ୍ଟୁ ଓରଫ ଶଙ୍କର୍ଷଣ ସାହୁଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଗିରଫମାନଙ୍କ ଠାରୁ ଗୋଟିଏ ବନ୍ଧୁକ, ୬ଟି ଜୀବନ୍ତ ଗୁଳି, ଗୋଟିଏ ବାଇକ ଏବଂ ଦୁଇଟି ମୋବାଇଲ ଜବତ କରିଛି। ପୂର୍ବରୁ ଗତ ୧୭ତାରିଖରେ ଏହାର ଅନ୍ୟ ଅଭିଯୁକ୍ତ ମୁନା ଗୌଡ଼ଙ୍କୁ ପୋଲିସ ଗିରଫ କରିଥିଲା। ସୂଚନା ଅନୁସାରେ ଗତ ଏପ୍ରିଲ ୧୯ତାରିଖରେ ଉକ୍ତ ଅଭିଯୁକ୍ତମାନେ କୁକୁଡ଼ା ଫାର୍ମ ମାଲିକ ଦୁତିକୃଷ୍ଣ ସାହୁଙ୍କୁ ଫୋନ ଯୋଗେ ବଟି ମାଗିଥିଲେ। ସେ ନଦେବାରୁ ଅଭିଯୁକ୍ତମାନେ ଫାର୍ମ ଉପରେ ବୋମା ମାଡ଼ କରି ଫେରାର ହୋଇଯାଇଥିଲେ। ଏନେଇ ଫାର୍ମ ମାଲିକ ଦୁତିକୃଷ୍ଣ କୋଦଳା ଥାନାରେ ଏତଲା ଦେବା ପରେ କେଶ ନମ୍ବର ୧୭୩/୨୩ରେ ଏକ ମାମଲା ରୁଜୁ କରି କୋଦଳା ଥାନା ଅଧିକାରୀ ଉମାକାନ୍ତ ସାହୁଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତ ମାନଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ।

## ଆବାସ ଯୋଜନାରୁ ବଞ୍ଚିତ ପରିବାରକୁ ସହାୟତା

ବୁଗୁଡ଼ା,୨୮।୭(କାଳି ଚରଣ ଦାଶ)


ସହାୟତା ପ୍ରଦାନ କରୁଛନ୍ତି ଯୁବକମାନେ।

ଆବାସ ଯୋଜନାରୁ ବଞ୍ଚିତ ହୋଇ ପରିବାର ସହ ଚାଳ ଛପର ଭଙ୍ଗା ଦଦରା ଘରେ ଜୀବନ ବିତାଉଛନ୍ତି ବିରଞ୍ଚିପୁର ପଞ୍ଚାୟତର ବରଡ଼ିପଲ୍ଲୀ ଗାଁର ରାଜେଶ ପାତ୍ର। ତାଙ୍କର ସ୍ତ୍ରୀ ସୁକାନ୍ତି ପାତ୍ର ଓ ଚାରି ଛୁଆଙ୍କୁ ନେଇ ଭଙ୍ଗା କୁଡିଆରେ ମୁଣ୍ଡ ଗୁଞ୍ଜି ଦୟନୀୟ ଅବସ୍ଥାରେ କାଳ କାଟୁଛନ୍ତି। ସରକାରୀ ଯୋଜନାରେ ଆବାସ ପାଇଁ ଆବେଦନ କରି ଯୋଗ୍ୟ ହିତାଧିକାରୀ ଭାବେ ସୁକାନ୍ତି ତାଲିକାଭୁକ୍ତ ହୋଇଛନ୍ତି। ତାଲିକାର ଶେଷ ଭାଗରେ ସୁକାନ୍ତିଙ୍କ ନାମ ରହିବା ସହ ତାଙ୍କଠାରୁ ସ୍ୱଚ୍ଛଳ ଲୋକଙ୍କ ନାମ ଉପର ଭାଗରେ ରହିଛି। କେଉଁ କାରଣରୁ ସୁକାନ୍ତିଙ୍କ ନାମ ତାଲିକାର ଶେଷ ଭାଗକୁ ଚାଲିଯାଇଛି ସେନେଇ ଜନପ୍ରତିନିଧି ଏବଂ ସରକାରୀ ବାବୁମାନେ ନିରୁତ୍ତର ରହିଛନ୍ତି। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବୁଗୁଡା ବ୍ଲକରେ ଆବାସ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଅଦ୍ୟାବଧି ସାଧାରଣରେ ଚର୍ଚ୍ଚା ହେଉଛି। ତେବେ ଗଣମାଧ୍ୟମରୁ ଏହି ଖବର ପାଇ ବ୍ରହ୍ମପୁର ଅଞ୍ଚଳର ଏକ ଚାରିଟେବଲ୍ ଟ୍ରଷ୍ଟ ସେହି ଗରୀବ ପରିବାର ପ୍ରତି ସହାୟତାର ହାତ ବଢାଇଛି। ବୁଗୁଡାର କିଛି ବ୍ୟକ୍ତି ଏବଂ ପିପୁଲ୍ସ କଲେଜର ସ୍ୱେଚ୍ଛାସେବୀଙ୍କ ଜରିଆରେ ଜରିପାଲ, ଖାଦ୍ୟ ଓ ବସ୍ତ୍ର ଆଦି ଯୋଗାଇ ଦେଇଛନ୍ତି।

## ଚିନିଶିଳ୍ପ ପଞ୍ଜୀକୃତ ଆଖୁ ଚାଷୀଙ୍କୁ ସୁଧ ହ୍ରାସ ଦାବି

ଆସିକା,୨୮।୭(ସୁରେନ୍ଦ୍ର ନାଥ ସାହୁ)

ଆସିକା ସମବାୟ ଚିନିଶିଳ୍ପକୁ ଆଖୁ ଯୋଗାଇବା ଲାଗି ପଞ୍ଜୀକୃତ ହୋଇଥିବା ଚାଷୀଙ୍କୁ ସମବାୟ ସମିତି ଜରିଆରେ ଆଖୁଚାଷ ଲାଗି ଦିଆଯାଉଥିବା ଋଣରେ ସୁଧ ହ୍ରାସ ପାଇଁ ଦାବି କରାଯାଇଛି। ଶୁକ୍ରବାର ଭୁବନେଶ୍ୱରସ୍ଥିତ ରାଜ୍ୟ ସମବାୟ ବ୍ୟାଙ୍କର ପରିଚାଳନା ପରିଷଦ ବୈଠକରେ ଯୋଗଦେଇ ଆସିକା ଚିନିଶିଳ୍ପର ସଭାପତି ରବୀନ୍ଦ୍ର ପଣ୍ଡା ବ୍ୟାଙ୍କର ସଭାପତି ଟି. ପ୍ରସାଦ ରାଓ ଦୋରା ଓ ପରିଚାଳନା ନିର୍ଦ୍ଦେଶକ ଉଦ୍ଧବ ଚନ୍ଦ୍ର ମାଝିଙ୍କ ନିକଟରେ ଏହି ଦାବି ଉପସ୍ଥାପନ କରିଛନ୍ତି।

ସରକାର ଚାଷୀଙ୍କୁ କୃଷିଋଣ ଲାଗି ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ସୁଧ ଛାଡ କରିଛନ୍ତି। ତେବେ ଅଧିକ ଆଖୁଚାଷ କରୁଥିବା ଚାଷୀ ୧ଲକ୍ଷ ଟଙ୍କାରୁ ଅଧିକ ଋଣ ନେଲେ ଶତକଡା ୨ ପ୍ରତିଶତ ସୁଧ ହାର ହେବାକୁ ପଡୁଛି। ଏହାକୁ ୨ ପ୍ରତିଶତ ପରିବର୍ତ୍ତେ ୧ ପ୍ରତିଶତକୁ ହ୍ରାସ କରିବା ଲାଗି ସଭାପତି ପଣ୍ଡା ଉଲ୍ଲେଖ କରିଛନ୍ତି। ବର୍ତ୍ତମାନ ଆଖୁଚାଷୀ ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ ଓ ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କର ବିଭିନ୍ନ କୃଷି ଋଣ ସେବା ସମବାୟ ସମିତି ଜରିଆରେ ନେଉଥିବା ଋଣକୁ ଆଖୁ ବିଲ୍ ହେବା ସମୟରେ କାରଖାନା ପକ୍ଷରୁ ଋଣ ଟଙ୍କା ସୁଧ ସହ କଟାଯାଇ ବିଭିନ୍ନ ସମିତିକୁ ପ୍ରଦାନ କରିବା ବ୍ୟବସ୍ଥା ଅଛି। ଆଖୁଚାଷରେ ଆଦାୟ ଅପେକ୍ଷା ଉତ୍ପାଦନ ଖର୍ଚ୍ଚ ଅଧିକ ଯୋଗୁ ଚାଷୀ ଏହି ଚାଷରୁ ମୁହଁ ଫେରାଉଛନ୍ତି। କାରଖାନାର ପୁନରୁଦ୍ଧାର ଲାଗି ଗତ ୨ବର୍ଷ ମଧ୍ୟରେ ୩୦ କୋଟି ଟଙ୍କା ଅନୁଦାନ ଦେବା ସହ ଆଖୁଚାଷର ପ୍ରସାର ଲାଗି ଟେକ୍ନୋଲୋଜି ମିଶନ ଜରିଆରେ ଚାଷୀଙ୍କୁ ପ୍ରୋତ୍ସାହନ ସ୍ୱରୂପ ୨କୋଟି ୬୫ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଆଖୁଚାଷ ଲାଗି ଆଗ୍ରହ ସୃଷ୍ଟି କରିବା ପାଇଁ ସୁଧହ୍ରାସ କରିବାକୁ ସମବାୟ ବ୍ୟାଙ୍କ କର୍ତ୍ତୃପକ୍ଷ ସହଯୋଗ କରିବା ନିମନ୍ତେ ସଭାପତି ପଣ୍ଡା ନିବେଦନ କରିଥିବା ଜଣାଇଛନ୍ତି।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

ହାତୀଓଟ,୨୮।୭(ରଞ୍ଜୟ ପାଣିଗ୍ରାହୀ):

ସ୍ଥାନୀୟ ହାତୀଓଟ ନୋଡାଲ ହାଇସ୍କୁଲ୍ ଠାରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଉମାଶଙ୍କର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ଯାଏଁ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ରହିବା ସହ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ବରିଷ୍ଠ ଶିକ୍ଷକ ନିରାନନ୍ଦ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଶଙ୍କର ପ୍ରଧାନ, ଶୁଭକାନ୍ତ ସାହୁ, ସିମାଞ୍ଚଳ ସାହୁ, ସମୀର କୁମାର ଦଳାଇ, ଶିକ୍ଷୟିତ୍ରୀ ସବିତା କୁମାରୀ ରାଉତ, ସୁନୀତା ବଡ଼ଜେନା ଅଂଶଗ୍ରହଣ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସଡ଼କ ଦୁର୍ଘଟଣାର କାରଣ, ଟ୍ରାଫିକ ନିୟମ ଓ ସଡ଼କ ଦୁର୍ଘଟଣା ହ୍ରାସ କରିବାର ଉପାୟ ତଥା ସାମାଜିକ ସଚେତନତା ଉପରେ ନିଜ ନିଜର ମତ ରଖିଥିଲେ। ଛାତ୍ରୀଛାତ୍ରଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ରାସ୍ତାର ନିୟମ ନିଜେ ମାନିବା ସହ ନିଜ ପରିବାର ଓ ଗାଁ ଲୋକଙ୍କୁ ସଚେତନ କରେଇବା ପାଇଁ ସଂକଳ୍ପ ନେଇଥିଲେ। ଶେଷରେ ଶିକ୍ଷକ ଶୁଭକାନ୍ତ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ବିଧାୟକଙ୍କ ପ୍ରସ୍ତାବ

ମୋହନା,୨୮।୭(ମନ୍ମଥ ମିଶ୍ର):

ଗଜପତି ଜିଲା ମୋହନା ବ୍ଲକ ଏକ ଆଦିବାସୀ ବହୁଳ ପାହାଡିଆ ଅଞ୍ଚଳ। ଏହି ବ୍ଲକ ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ବ୍ଲକ ଅଟେ। ଏହି ରାସ୍ତା ଦେଇ ଓଡ଼ିଶାର ରାଜଧାନୀ ସହ ସମସ୍ତ ଜିଲାକୁ ଦୈନିକ ଅନେକ ବସ୍ ଯାତାୟାତ କରେ। ଏହା ସହ ଶତାଧିକ ଲୋକ ଓଡ଼ିଶାର ସମସ୍ତ ଅଞ୍ଚଳକୁ ଯିବା ଆସିବା କରନ୍ତି। କିନ୍ତୁ ଏଠାରେ ଗୋଟିଏ ଭଲ ବସଷ୍ଟାଣ୍ଡଟିଏ ନ ଥିବାରୁ ଲୋକେ ହଇରାଣ ହେଉଥିବା ଦେଖିବାକୁ ମିଳୁଛି। ତେଣୁ ସ୍ଥାନୀୟ ବିଧାୟକ ଦାଶରଥି ଗମାଙ୍ଗ ପରିବହନ ବିଭାଗର ଏକ ବୈଠକରେ ଦାବି ଉପସ୍ଥାପନ କରିଥିବା ଜଣାପଡିଛି। ମୋହନାଠାରେ ଏକ ଅତ୍ୟାଧୁନିକ ବସ୍ ଟର୍ମିନାଲ କରିବା ନିମନ୍ତେ ସ୍ଥାନୀୟ ତହସିଲଦାରଙ୍କୁ ମଧ୍ୟ ଜାଗା ଚିହ୍ନଟ ନିମନ୍ତେ ଅନୁରୋଧ କରିଥିବା ଜଣାପଡିଛି। ଏହା ସଙ୍ଗେ ଫୁଲବାଣୀ ଠାରୁ ହାଇଦ୍ରାବାଦକୁ ମଧ୍ୟ ଏକ ଶୀତତାପ ନିୟନ୍ତ୍ରିତ ବସ୍ ଚଳାଇବାକୁ ମଧ୍ୟ ବୈଠକରେ ଅନୁରୋଧ କରିଥିବା ବିଧାୟକ ଗମାଙ୍ଗ ପ୍ରକାଶ କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମେଧାବୀ ଛାତ୍ରୀ ସମ୍ବର୍ଦ୍ଧିତ



ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ମୁଖ୍ୟମନ୍ତ୍ରୀ।

କବିସୂର୍ଯ୍ୟନଗର,୨୮।୭(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ସହରର ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ସର୍ବୋଚ୍ଚ ଶତକଡା ୯୬ ପ୍ରତିଶତ ମାର୍କ ରଖିଥିବା ବର୍ଷା ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଓଡିଶା ସମସ୍ତ ମେଧାବୀମାନଙ୍କୁ ଭୁବନେଶ୍ୱର ଠାରେ ମୁଖ୍ୟମନ୍ତ୍ରୀ ଉପଢୌକନ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ୨୦୨୩ ଦ୍ୱାଦଶ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ୫୭୬ ନମ୍ବର ମାର୍କ ରଖିଥିଲେ। ସେ ମାଟ୍ରିକ ପରୀକ୍ଷାରେ ୯୪.୫ ପ୍ରତିଶତ ରଖି ବ୍ଲକ ଟପ୍ପର ରହିଥିଲେ। ସେ ବର୍ତ୍ତମାନ ନିଟ୍ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିବା କହିଛନ୍ତି।

### ଓଏସ୍‌ଏସ୍‌ସି ଜେଇ ସିଭିଲ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲା

## ବାଲିଗୁଡ଼ାର ଅଭିଯୁକ୍ତ ଶିକ୍ଷକ ଗିରଫ

ବାଲିଗୁଡା,୨୮।୭(ସଞ୍ଜୟ କୁମାର ପାଣିଗ୍ରାହୀ): ବାଲେଶ୍ୱର ଓଏସ୍‌ଏସ୍‌ସି ଜେଇ ସିଭିଲ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲାରେ ବାଲେଶ୍ୱର ପୋଲିସ ଗୁରୁବାର ପୁଣି ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ବାଲିଗୁଡା ବ୍ଲକ ରୁଡୁଙ୍ଗିଆ ପଞ୍ଚାୟତର ସିର୍ସିପାଙ୍ଗା ସରକାରୀ ପ୍ରାଥମିକ ବିଦ୍ୟାଳୟର କନିଷ୍ଠ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ (୩୩) ଅଛନ୍ତି। ଆଗାମୀ ଦିନରେ ଅଭିଯୁକ୍ତଙ୍କ ସଂଖ୍ୟା ବଢ଼ିବ ବୋଲି ଆଶା କରାଯାଉଛି ବୋଲି ଗୁରୁବାର ଅପରାହ୍ନରେ ବାଲେଶ୍ୱର ଏସପି ସାଗରିକା ନାଥ ଖବରଦାତା ସମ୍ମିଳନୀରେ ଏହା ସୂଚନା ଦେଇଛନ୍ତି। ଗୋବିନ୍ଦଙ୍କ ଦାମୀ ଗାଡି ସଉକ। ଆଶାୟୀଙ୍କ ଠାରୁ ଲକ୍ଷାଧିକ ଟଙ୍କା ଲୁଟ୍ କରି ନିଜର ସଉକ ପୁରା କରୁଥିଲେ। ଗୋବିନ୍ଦ ଇନୋଭା ଗାଡିକୁ ସିଜ୍ କରିଛି ବାଲେଶ୍ୱର ପୋଲିସ। ସେହିପରି ବେଲଗୁଣ୍ଠାରେ ପ୍ରାୟ ୧୦ ଜଣଙ୍କୁ ସିବିଟି ଶିକ୍ଷକ ନିଯୁକ୍ତି ଦେଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଓଟିଇଟି ପାଇଁ ଜଣ ପିଛା ୨ଲକ୍ଷ ଟଙ୍କା ନେଉଥିଲେ। ବିଭିନ୍ନ ଜାଗାରେ ଗୋବିନ୍ଦଙ୍କ ଦୁଇଟି ଘର ଓ ଏକାଧିକ ପ୍ଲଟ ରହିଛି। କନ୍ଧମାଳ ଜିଲା ବାଲିଗୁଡା ବ୍ଲକ ରୁଡୁଙ୍ଗିଆ ପଞ୍ଚାୟତର ସିର୍ସିପାଙ୍ଗା ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷକ ଭାବେ ୨୦୧୮ ଏପ୍ରିଲ ୪ରେ ଉକ୍ତ ବିଦ୍ୟାଳୟରେ ହିଁ ଚାକିରି ଆରମ୍ଭ କରିଥିଲେ। ଚଳିତ ମାସ ୧୩ ତାରିଖରୁ ଗୋବିନ୍ଦ ବିଦ୍ୟାଳୟରେ ଅନୁପସ୍ଥିତ ଥିବା ବିଷୟ ପ୍ରଧାନଶିକ୍ଷକ ସୁବାଷ ଚନ୍ଦ୍ର ଓଝା ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ୍ୱର ମାଝୀଙ୍କୁ ଜଣାଇଛନ୍ତି। ମାଝୀ ଏହି ବିଷୟ ସଙ୍ଗେ ସଙ୍ଗେ ବିଭାଗୀୟ ଜିଲା ଅଧିକାରୀଙ୍କୁ ଜଣାଇଛନ୍ତି। ବେଲଗୁଣ୍ଠାରେ ଗୋବିନ୍ଦଙ୍କ ଏକାଧିକ ପ୍ଲଟ ସହ ଘର ଥିବା ଜଣାପଡିଛି। ତାଙ୍କର ବାପା ଓ ଭାଇ ଲୁଗା ଦୋକାନ କରିଛନ୍ତି। ଗୋବିନ୍ଦଙ୍କ ମୁଖ୍ୟ ସହଯୋଗୀ ବେଲଗୁଣ୍ଠା ଇନ୍ଦ୍ରଗଡ ଗାଁର ତ୍ରିନାଥଙ୍କୁ ଖୋଜୁଛି ପୋଲିସ। ଛତ୍ରପୁର ଦାସନପଲ୍ଲୀରେ ଗୋବିନ୍ଦର ଅନ୍ୟ ଜଣେ ସହଯୋଗୀ ଥିବା ସୂଚନା ମିଳିଛି।

## ପ୍ରଶ୍ନପତ୍ର ଇଂରାଜୀ ସହ ଓଡ଼ିଆରେ କରିବାକୁ ଦାବି

ଭଞ୍ଜନଗର,୨୮।୭(ବାବୁଲା ପ୍ରଧାନ)

### ୪ର୍ଥ ସେମିଷ୍ଟର ପରୀକ୍ଷା ସରିଲା


ଭଞ୍ଜନଗର କେଏସ୍‌ୟୁବି କଲେଜ ଉଦ୍ଭିଦ ବିଜ୍ଞାନ ଛାତ୍ରୀଛାତ୍ରମାନେ ପ୍ରାକ୍ଟିକାଲ କରୁଛନ୍ତି।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କ ହିତକୁ ଦେଖି ଇତିମଧ୍ୟରେ ୩ୟ ସେମିଷ୍ଟାର ବ୍ୟାକ୍ ପେପର ପରୀକ୍ଷା ଫଳ ପ୍ରକାଶିତ କରିଛନ୍ତି। ଫଳରେ କିଛିଦିନ ପୂର୍ବେ ପ୍ରକାଶିତ ହୋଇଥିବା ସ୍ନାତକ ପରୀକ୍ଷା ଫଳରେ ଯେଉଁମାନଙ୍କ କେବଳ ତୃତୀୟ ସେମିଷ୍ଟାର ପେପର ବ୍ୟାକ୍ ଥିଲା ସେଥିମଧ୍ୟରୁ ଅଧିକାଂଶ ଛାତ୍ରୀଛାତ୍ର ଇତିମଧ୍ୟରେ ପେପର କ୍ଲିଅର କରିବା ସହ ସ୍ନାତକ ପରୀକ୍ଷାରେ ଉତୀର୍ଣ୍ଣ ହୋଇଛନ୍ତି। ଯାହାକୁ ନେଇ ଛାତ୍ରୀଛାତ୍ରମାନେ ଖୁସିବ୍ୟକ୍ତ କରିବା ସହ ବିଶ୍ୱବିଦ୍ୟାଳୟ କୁଳପତି ଏବଂ କଣ୍ଟ୍ରୋଲରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଆଜକୁ ବହୁବର୍ଷ ହେବ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ବ୍ୟାକପେପର ପରୀକ୍ଷା ଫଳ ବହୁ ବିଳମ୍ବରେ ପ୍ରକାଶିତ ହେଉଥିଲା। ଏହାଦ୍ୱାରା ଅନେକ ଛାତ୍ରୀଛାତ୍ର ଉଚ୍ଚତର ଶିକ୍ଷାରୁ ବଂଚିତ ହେଉଥିଲେ। ଗତ ୨୫ ତାରିଖରେ ଯୁକ୍ତ ତିନି ୪ର୍ଥ ସେମିଷ୍ଟାର ପରୀକ୍ଷା ସରିଛି। ବର୍ତ୍ତମାନ ପ୍ରାକ୍ଟିକାଲ ପରୀକ୍ଷା ଚାଲିଛି। ଏହା ଏକ ସପ୍ତାହ ମଧ୍ୟରେ ସରିବ। ତେଣୁ ଯେଉଁ ବିଭାଗରେ ପ୍ରାକ୍ଟିକାଲ ଅଛି ସମ୍ପୃକ୍ତ ବିଭାଗର ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଉଛନ୍ତି। ପ୍ରାକ୍ଟିକାଲ ପରୀକ୍ଷା ସରିବା ପରେ ଚତୁର୍ଥ ସେମିଷ୍ଟାର ବ୍ୟାକ୍ ପେପର ପରୀକ୍ଷା ଫଳ ମଧ୍ୟ ଖୁବ୍‌ଶୀଘ୍ର ପ୍ରକାଶିତ କରିବା ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଏହାହେଲେ ପୁଣି ଅନେକ ଛାତ୍ରୀଛାତ୍ର ଯୁକ୍ତ ୩ ପାଶ୍ ହେବେ। କିନ୍ତୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରସ୍ତୁତ କରାଯାଉଥିବା ପ୍ରଶ୍ନପତ୍ର କେବଳ ଇଂରାଜୀରେ ହେଉଛି। ଯାହାଦ୍ୱାରା ଅନେକ ଛାତ୍ରୀଛାତ୍ର ଉତ୍ତର ଜାଣିଥିଲେ ମଧ୍ୟ ପ୍ରଶ୍ନ ଜାଣିନପାରି ଉତ୍ତର ଲେଖିପାରୁନାହାନ୍ତି। ଫଳରେ ଅନେକ ଛାତ୍ରୀଛାତ୍ର ଫେଲ ହେଉଛନ୍ତି। ମାତୃଭାଷା ପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ତେଣୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଏବଂ ଶିକ୍ଷାଦାନ ମଧ୍ୟ ଆଞ୍ଚଳିକ ଭାଷାରେ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ଅଧିନସ୍ଥ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଯୁକ୍ତ୩ ସମେତ ଅନ୍ୟାନ୍ୟ ପ୍ରଶ୍ନପତ୍ର ଗୁଡ଼ିକ ଓଡ଼ିଆ ଏବଂ ଇଂରାଜୀ ଭାଷାରେ ଆସୁଛି। କେନ୍ଦ୍ର ସରକାରଙ୍କ ଅଧିନସ୍ଥ ଇଗ୍ନୁ ପକ୍ଷରୁ ମଧ୍ୟ ପ୍ରସ୍ତୁତ ହେଉଥିବା ପ୍ରଶ୍ନପତ୍ର ଇଂରାଜୀ ଏବଂ ହିନ୍ଦିରେ ହେଉଛି। ତେଣୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ହେଉଥିବା ବିଭିନ୍ନ ପ୍ରଶ୍ନପତ୍ରଗୁଡ଼ିକୁ ଇଂରାଜୀ ସହ ମାତୃଭାଷା ଓଡ଼ିଆରେ କରିବା ପାଇଁ ଛାତ୍ରୀଛାତ୍ରମାନେ ଦାବିକରିଛନ୍ତି। ଏହାହେଲେ ପାଶ୍ ହାର ଆହୁରି ବୃଦ୍ଧିପାଇବ ବୋଲି ଆଶା କରାଯାଉଛି।

# ବିଦ୍ୟୁତ୍ ତାର ଲାଗି ବାପପୁଅ ଗୁରୁତର, ଷଣ୍ଢ ମୃତ

ମହାକାଳପଡ଼ା, ୨୮।୭(ପ୍ରତାପ ଚନ୍ଦ୍ର ସ୍ୱାଇଁ)



ଗୁରୁତର ବାପ ପୁଅ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

- ଜଙ୍ଗଲୀ ଜନ୍ତୁ ଶିକାର ପାଇଁ ଚାଷ ଜମିରେ ବିଦ୍ୟୁତ୍ ତାର ବିଛାଯାଇଛି
- ଅଞ୍ଚଳରେ ଜଙ୍ଗଲୀ ଜନ୍ତୁ ଶିକାରୀ ରାକେଟ ସକ୍ରିୟ
- ବିଦ୍ୟୁତ୍, ବନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଜଙ୍ଗଲୀ ଜନ୍ତୁ ଶିକାର ପାଇଁ ଶିକାରୀମାନେ ଅତି ଗୋପନରେ ଜଙ୍ଗଲ ପାର୍ଶ୍ୱ ଗ୍ରାମ ଜମିରେ ଜାଲ ଓ ବିଦ୍ୟୁତ୍ ତାର ବସାଇ ବାର୍ହା, ହରିଣ, କୁଟୁରା ଶିକାର କରିଛନ୍ତି। ଏହି ଜଙ୍ଗଲୀ ଜନ୍ତୁ ମାଂସକୁ ପ୍ୟାକେଟ କରି ବିଭିନ୍ନ ସ୍ଥାନକୁ ଚାଲାଣ କରିଥାନ୍ତି। ତେବେ ଏହି ବିଦ୍ୟୁତ ତାର ସଂସ୍ପର୍ଶରେ ୪ ବର୍ଷ ପୂର୍ବେ ଜମ୍ବୁ ଓ ଲାଞ୍ଜୁଡା ଗ୍ରାମର ୨ ଜଣ ଲୋକଙ୍କ ବିଦ୍ୟୁତ୍ ଫାଶରେ ଜୀବନ ଯାଇଥିଲା। ପୁଣି ଗୁରୁବାର ରାତିରେ ବ୍ଲକ ଅଧୀନ ନାଞ୍ଚୁରା ପଞ୍ଚାୟତର ଦୋଳିଗାଁ-ପାଣିଖିଆ ଗହୀର ବିଲରେ ଜଙ୍ଗଲୀଜନ୍ତୁ ଶିକାର ପାଇଁ ଶିକାରୀମାନେ ବିଦ୍ୟୁତ୍ ତାର ୩ କିମି ବିଛାଇ ଥିଲେ। ରାତିରେ ପାଣିଖିଆ ମୁଖ୍ୟ ବନ୍ଧପାର୍ଶ୍ୱରେ ଜମିରେ ଷଣ୍ଢମାନେ ଧାନ ତଳି ଖାଉଥିଲେ। ରାତିରେ ଧାନ ତଳି ଷଣ୍ଢ ନଷ୍ଟ କରୁଥିବା ବେଳେ ଗାଁର ବାପା ରଞ୍ଜିତ ମଣ୍ଡଳ(୪୫), ପୁଅ ଗୌରାଙ୍ଗ(୧୮) ଘଉଡ଼ାଇବା ପାଇଁ ଚାଷ ଜମିକୁ ଗଲା ବେଳକୁ ଅନ୍ଧାର ରାତିରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଛନ୍ତି। ଖବରପାଇ ସ୍ଥାନୀୟ ଲୋକେ ବାପପୁଅଙ୍କୁ ଉଦ୍ଧାର କରି କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ତେବେ ଘଟଣାସ୍ଥଳରେ ଏକ ଷଣ୍ଢ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ହୋଇଥିବା ଗାଁର ଲୋକମାନେ ଅଭିଯୋଗ କରିଛନ୍ତି।

ପାଣିଖିଆ ଗ୍ରାମର ଲୋକମାନେ ଅଭିଯୋଗ କରିଛନ୍ତି, ଏହି ଅଞ୍ଚଳରେ କେତେଜଣ ଶିକାରୀ ବିଦ୍ୟୁତ୍ ତାର ବିଛାଇ ଜଙ୍ଗଲି ଜନ୍ତୁ ଶିକାର କରୁଛନ୍ତି। ତୁରନ୍ତ ବନ ବିଭାଗ ଉକ୍ତ ବାପପୁଅଙ୍କୁ କ୍ଷତି ପୂରଣ ପ୍ରଦାନ ପାଇଁ ଗାଁର ବାଠୁ ମଣ୍ଡଳ, ଅଗା ମଣ୍ଡଳ, ଜୟରାମ ମଣ୍ଡଳ, ଶିବ ପ୍ରସାଦ ମଣ୍ଡଳ, ଲୁଲୁ ମଣ୍ଡଳ, ଗୁରୁପଦ ମଣ୍ଡଳ, ବାପି ମଣ୍ଡଳ, ଚରଣ ଟୁଡୁ ଓ ଗୁରୁଭା ହାଁସଦାଙ୍କ ସମେତ ବରିଷ୍ଠ ମୁରବୀମାନେ ଦାବି କରିଛନ୍ତି। ଚାଷ ଜମିରେ ବିଦ୍ୟୁତ୍ ତାର ବିଛାଇଲେ ଚାଷ କାର୍ଯ୍ୟ କିପରି ହେବ ବୋଲି ସେମାନେ ଓଲଟା ପ୍ରଶ୍ନ କରିଛନ୍ତି। ଆମମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ଆଶଙ୍କା ରହିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ବିଦ୍ୟୁତ୍ ଓ ବନ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏହି ଅଞ୍ଚଳରେ ଶିକାରୀଙ୍କ ଧରିବା ପାଇଁ ଅନୁରୋଧ କରିଛନ୍ତି। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ଜଙ୍ଗଲୀ ଜନ୍ତୁ ଖାଦ୍ୟ ଅନ୍ୱେଷଣରେ ବହୁ ସମୟରେ ଜନ ବସତିମୁହାଁ ହେଉଥିବା ଗାଁ ଲୋକ କହିଛନ୍ତି। ମହାକାଳପଡ଼ା ବିଦ୍ୟୁତ୍ ସବ୍ ଡିଭିଜନ ସହକାରୀ ଯନ୍ତ୍ରୀ ବାବୁଲାଲ ହାତୀଙ୍କୁ ପଚାରିବାରେ ଏଥିପ୍ରତି ଦୃଷ୍ଟି ଦିଆଯିବା ସହ ବିଦ୍ୟୁତ୍ ତାର ବିଛାଇଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଲଢ଼େଇ ବେଳକୁ ଆମେ ଏକଜୁଟ: ପ୍ରଣବ


ବଡ଼ଚଣା ବିଜେଡିର ସାଙ୍ଗଠନିକ କର୍ମଶାଳାରେ ୨ ବିଧାୟକଙ୍କ ସମେତ କର୍ମୀ ଉପସ୍ଥିତ।

ଚଣ୍ଡିଖୋଲ, ୨୮।୭(ପ୍ରଦୀପ୍ତ କୁମାର ପୃଷ୍ଟି)

## ବଡ଼ଚଣା ବିଜେଡିର ସାଙ୍ଗଠନିକ କର୍ମଶାଳା

ଆଜିଠାରୁ ବଡ଼ଚଣାରେ କାହାରି ଗ୍ରୁପ୍ ରହିବ ନାହିଁ। ଗୋଟିଏ ଗ୍ରୁପ୍ ରହିବ, ତାହାର ନାଁ ନବୀନ ଗ୍ରୁପ୍। ଯେଉଁମାନଙ୍କ ମନ ଭିତରେ କୌଣସି ଗ୍ଳାନି ରହିଛି, ଯଦି ଆପଣମାନେ ତାହାକୁ ସମାଧାନ ନ କରିପାରୁଛନ୍ତି, ତେବେ ମୋତେ କହିବେ ମୁଁ ତାହାର ସମାଧାନ କରିଦେବି। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଆମର ପିତୃତୁଲ୍ୟ। ତାଙ୍କର ଦୀର୍ଘ ଦିନର ରାଜନୈତିକ ଅଭିଜ୍ଞତା ରହିଛି। ତାଙ୍କ ପାଖରୁ ବହୁତ କିଛି ଶିଖିବାର ଅଛି। ବିଜୁ ଜନତାଦଳ ଓଡ଼ିଶାର ବୃହତ ଦଳ। ତେଣୁ ଦଳ ଭିତରେ ମତାନ୍ତର ମନାନ୍ତର ରହିପାରେ। କିନ୍ତୁ ଯେତେବେଳେ ଆମେ ଲଢ଼େଇକି ବାହାରନ୍ତି ସେତେବେଳେ ସମସ୍ତେ ଏକାଠି ହୋଇଯାଆନ୍ତି। ଏହା ହେଉଛି ଦଳର ଆଦର୍ଶ ବୋଲି ରାଜ୍ୟ ସାଂଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାଶ(ବବି) ବଡ଼ଚଣା ବିଜେଡିର ସାଙ୍ଗଠନିକ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏକଥା ପ୍ରକାଶ କରିଛନ୍ତି।

ଉକ୍ତ କର୍ମଶାଳା ଶୁକ୍ରବାର ଚଣ୍ଡିଖୋଲସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ପରିସରରେ ବ୍ଲକ ସଭାପତି ଅରବିନ୍ଦ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଆମେ ଏକତ୍ରିତ ହେଲେ କୌଣସି ଶକ୍ତି ଅଟକାଇ ପାରିବନାହିଁ। ତେଣୁ ଆଗାମୀ ଦିନରେ ସଂଗଠନକୁ ଶକ୍ତିଶାଳୀ କରିବା ପାଇଁ ସମସ୍ତ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ବବି ବାବୁ ବଡ଼ଚଣାର ଦାୟିତ୍ୱ ନେବା ପାଇଁ ପ୍ରକାଶ କରିଥିବାରୁ କୌଣସି ବିଶୃଙ୍ଖଳା ଏଠାରେ ଦେଖାଯିବ ନାହିଁ ବୋଲି ସେ କହିଥିଲେ। ବଡ଼ଚଣା ବିକାଶ ଦିଗରେ ବହୁ ଆଗରେ ଥିବାରୁ କେତେକ ବ୍ୟକ୍ତି ଏହାକୁ ସହ୍ୟ କରିପାରୁନାହାନ୍ତି। ସେଥିପାଇଁ ଆମକୁ ଏକଜୁଟ ହୋଇ ବିକାଶକୁ ତ୍ୱରାନ୍ୱିତ କରିବାକୁ ପଡ଼ିବ ବୋଲି ବିଧାୟକ ଶତପଥୀ ପ୍ରକାଶ କରିଥିଲେ।

କର୍ମଶାଳାରେ ଯାଜପୁର ଜିଲାପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଯତୀନ୍ଦ୍ର ପ୍ରସାଦ ନାୟକ, ଧନେଶ୍ୱର ବେହେରା, ମହିଳା ବିଜେଡି ସଭାନେତ୍ରୀ ରଶ୍ମିରେଖା ନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବଡ଼ଚଣା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତୀ, ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ସାରଦା ପ୍ରଶନ୍ନ ମହାନ୍ତି, ଜିଲାପରିଷଦ ସଭ୍ୟା ସସ୍ମିତା ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ବିଭାଷଚନ୍ଦ୍ର ନନ୍ଦ, ଟିମ୍ ବଡ଼ଚଣା ଅଧ୍ୟକ୍ଷ ଆଦି ଶତପଥୀ, ସଞ୍ଜୟ କୁମାର ସ୍ୱାଇଁ ଓ କୋଷାଧ୍ୟକ୍ଷ ମିହିର କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ବଡ଼ଚଣା ବ୍ଲକର ୪୩ ପଞ୍ଚାୟତରୁ ଦଳୀୟ ସରପଞ୍ଚ, ସମିତିସଭ୍ୟ ଓ ପଞ୍ଚାୟତ ସଭାପତିଙ୍କ ସମେତ ଯୁବ ଛାତ୍ର ଓ ମହିଳା କର୍ମକର୍ତ୍ତା ଯୋଗ ଦେଇଥିଲେ। ଶେଷରେ ବ୍ଲକ ବିଜେଡି ସାଧାରଣ ସମ୍ପାଦକ ବିପିନ କୁମାର ଜେନା ଧନ୍ୟବାଦ ଦେଇଥିଲେ। କର୍ମଶାଳାରେ ବିଧାୟକ ଓ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଜନ୍ମେଜୟ ଲେଙ୍କାଙ୍କ ସମର୍ଥକ ଉପସ୍ଥିତ ଥିବା ଦେଖାଯାଇଥିଲା।

# ପୋଲିସକୁ ଡରି ନଦୀକୁ ଡେଇଁଲେ ୨ ଯୁବକ

ଯାଜପୁର ଟାଉନ, ୨୮।୭(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

## ଜଣେ ନିଖୋଜ

ଯାଜପୁର ସହର ନିକଟସ୍ଥ ବାରବାଟୀ ଗ୍ରାମ ବୁଢ଼ାନଦୀର ଚମ୍ପାଛନ୍ଦା ବ୍ରିଜ ନିକଟରେ ପୋଲିସକୁ ଡରି ୨ ଯୁବକ ନଦୀକୁ ଡେଇଁଥିବାବେଳେ ଜଣେ ନିଖୋଜ ହୋଇଥିବା ସୂଚନା ମିଳିଛି। ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟାରେ ଚମ୍ପାଛନ୍ଦା ବ୍ରିଜ ପାଖରେ ଥିବା ଏକ ପରିତ୍ୟକ୍ତ ସ୍ଥାନରେ କେତେଜଣ ଅସାମାଜିକ ଯୁବକ ନିଶା ଖାଇବା ପାଇଁ ଏକାଠି ହୋଇଥିଲେ। ଏହି ସମୟରେ ଯାଜପୁର ଟାଉନ ଥାନା ପାଟ୍ରୋଲିଂ ଗାଡ଼ି ସେହି ରାସ୍ତା ଦେଇ ଯାଉଥିବା ଦେଖି କେତେଜଣ ଯୁବକ ଦୌଡ଼ି ପଳାଇଥିଲେ। ସେମାନଙ୍କ ମଧ୍ୟରୁ ବାରବାଟି ଗ୍ରାମର ୨ ଯୁବକ ନଦୀକୁ ଡେଇଁ ପଡ଼ିଥିବାବେଳେ ସଞ୍ଜୟ ଜେନା ନାମକ ଯୁବକ ପହଁରି କୂଳରେ ଲାଗିଛନ୍ତି। ଅନ୍ୟ ଜଣେ ଶ୍ରୀକାନ୍ତ ମହାନ୍ତି ନିଖୋଜ ଅଛନ୍ତି।

ରାତି ୭ଟା ପର୍ଯ୍ୟନ୍ତ ଦମକଳବାହିନୀ ଖୋଜାଖୋଜି କରିଥିଲେ ମଧ୍ୟ ନିଖୋଜ ଯୁବକଙ୍କୁ ପାଇ ପାରିନାହିଁ। ବରୀ ଅଗ୍ନିଶମ ବିଭାଗ କେନ୍ଦ୍ରାଧିକାରୀ ଅଜିତ କୁମାର ରାଉତଙ୍କ କହିବା ଅନୁସାରେ, ଅପରାହ୍ନ ୨ଟାରେ ୧୧୨ ନମ୍ବରରେ ଫୋନ୍ କରି କେହି ଜଣେ ସ୍ଥାନୀୟ ବ୍ୟକ୍ତି ଘଟଣା ସମ୍ପର୍କରେ ଜଣାଇଥିଲେ। ଦୀର୍ଘ ୩ ଘଣ୍ଟା ଧରି ଅଗ୍ନିଶମ ବିଭାଗ ପକ୍ଷରୁ ଘଟଣାକୁ ଦେଖିଥିବା ସ୍ଥାନୀୟ ବ୍ୟକ୍ତିଙ୍କୁ ଲାଇଟ୍ ଜ୍ୟାକେଟ୍ ପିନ୍ଧାଇ ସାଙ୍ଗରେ ଧରି ବୋଟ୍‌ରେ ନେଇ ସନ୍ଦେହଜନକ ସ୍ଥାନରେ ଖୋଜାଖୋଜି କରାଯାଇଥିଲା। ହେଲେ ନିଖୋଜ ଯୁବକଙ୍କ ସନ୍ଧାନ ମିଳିପାରି ନାହିଁ। ଏ ସମ୍ପର୍କରେ ଥାନାଧିକାରୀ ବିଲ୍ୱମଙ୍ଗଳ ସେଠୀଙ୍କୁ ପଚାରିବାରେ ସେ କହିଛନ୍ତି, ୨ ଯୁବକ ନଦୀକୁ ଡେଇଁ ଥିବାବେଳେ ଜଣେ ନିଖୋଜ ଥିବା ଜଣାପଡିଛି। ମାତ୍ର ଉକ୍ତ ସମୟରେ ସେହି ସ୍ଥାନକୁ ପୋଲିସ ପାଟ୍ରୋଲିଂ ଗାଡି ଯାଇ ନ ଥିବା ସେ ସଫେଇ ଦେଇଛନ୍ତି। ଅନ୍ୟପକ୍ଷରେ ବିଚିତ୍ରପୁର ପଞ୍ଚାୟତର କେତେଜଣ ନିଶା ବ୍ୟବହାରକାରୀ ଯୁବକଙ୍କୁ ପୋଲିସ ଶୁକ୍ରବାର ସନ୍ଧ୍ୟାରେ ଥାନାକୁ ଆଣି ଅଟକ ରଖିଥିବା ଜଣାପଡ଼ିଛି।


ଅଗ୍ନିଶମ ବାହିନୀ ପକ୍ଷରୁ ନଦୀରେ ଖୋଜାଖୋଜି ଚାଲିଛି।

# ମିଳୁନି ପାଣି, ମଣିଷକୁ କୁମ୍ଭୀର ନେଉଛି ଟାଣି

କେନ୍ଦ୍ରାପଡ଼ା, ୨୮।୭ (ଜଗନ୍ନାଥ ଧଳ)



- ହର ଘର ନଳ ଯୋଜନା କାଗଜପତ୍ରରେ ସୀମିତ
- ନଦୀ,ନାଳରେ କୁମ୍ଭୀରଙ୍କ ସଂଖ୍ୟା ବଢ଼ୁଛି
- ପାନୀୟ ଜଳ ପ୍ରକଳ୍ପ ତୁରନ୍ତ ସାରିବାକୁ ଦାବି

ଜାତୀୟଉଦ୍ୟାନ ଭିତରକନିକାର କୁମ୍ଭୀର ସଂଖ୍ୟା ବୃଦ୍ଧି କେନ୍ଦ୍ରାପଡ଼ା ଜିଲା ପାଇଁ ଆତଙ୍କ ହୋଇଛି। ୨ ମାସରେ କେବଳ ବ୍ରାହ୍ମଣୀ ନଦୀ ଓ ନାଳ ସଂଲଗ୍ନ ଅଞ୍ଚଳରୁ ୪ ଜଣଙ୍କ ଜୀବନ ଅକାଳରେ ନଷ୍ଟ ହୋଇଛି। ଉପାନ୍ତ ଅଞ୍ଚଳର ଏହି କୁମ୍ଭୀର ଆତଙ୍କ ଏବେ ବାହାର ଜିଲାରେ ଦେଖିବାକୁ ମିଳିଲାଣି। ଜାତୀୟ ଉଦ୍ୟାନର ସଂରକ୍ଷିତ ଅଞ୍ଚଳରୁ ବାହାରି ପଡୋଶୀ ଭଦ୍ରକ, ଯାଜପୁର ଓ ଜଗତ୍‌ସିଂହପୁର ଜିଲାର ନଦୀ ନାଳରେ କୁମ୍ଭୀର ଦେଖାଦେଲେଣି। ସ୍ନାନ, ଶୌଚ ଅଥବା ପାନୀୟ ଜଳ ଆଣିବା ସମୟରେ ଏହି ଭୟଙ୍କର ଜନ୍ତୁଙ୍କ ଆକ୍ରମଣର ଶିକାର ଲୋକ ଓ ପଶୁପକ୍ଷୀ ହେଉଛନ୍ତି। ଅପରପକ୍ଷରେ କେନ୍ଦ୍ରାପଡ଼ା ଜିଲାରେ ପାନୀୟ ଜଳ ପ୍ରକଳ୍ପ କାଗଜପତ୍ରରେ ସୀମିତ ରହିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରତ୍ୟେକ ଘରକୁ ନଳ ମାଧ୍ୟମରେ ଜଳ ଯୋଗାଣ ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇନାହିଁ। ପ୍ରକଳ୍ପଗୁଡ଼ିକ ତୁରନ୍ତ କାର୍ଯ୍ୟକ୍ଷମ ହେଲେ କୁମ୍ଭୀର ଆତଙ୍କରୁ କିଛି ଆଶ୍ୱସ୍ତି ମିଳି ପାରନ୍ତା ବୋଲି ଦାବି କରାଯାଇଛି।

ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇର ଡା. ପି. ଏନ୍. ଗୌରାଙ୍ଗ କହିଛନ୍ତି, ଗତ ୨ ମାସରେ ୪ ଜଣଙ୍କ ଜୀବନ କୁମ୍ଭୀର ଆକ୍ରମଣରେ ଯାଇଛି। ସେହିପରି ଗୋଟିଏ ୧୩ ଫୁଟର କୁମ୍ଭୀରକୁ ଏଠାରୁ ଉଦ୍ଧାର କରାଯାଇ ରାଜନଗର ବ୍ଲକ ଭିତରକନିକାସ୍ଥିତ ବାଉଁଶଗଡି ନଦୀରେ ଛଡ଼ା ଯାଇଛି। ନଦୀ ଅଥବା ନାଳକୁ ଶୌଚ ଅଥବା ବାସନ ମାଜିବାକୁ ଯାଇଥିବା ବେଳେ ଏହି ଦୁର୍ଘଟଣା ହେଉଛି। ବନ ବିଭାଗ ପକ୍ଷରୁ ନଦୀରେ ସୁରକ୍ଷିତ ବାଡ଼ ବ୍ୟବସ୍ଥା କରାଯାଉ ଥିଲେ ମଧ୍ୟ ଏହାର ରକ୍ଷଣାବେକ୍ଷଣ ହେଉନାହିଁ। ପ୍ରତ୍ୟେକ ଲୋକଙ୍କ ଘରେ ନଳ ଯୋଗେ ପାଣି ବ୍ୟବସ୍ଥା ହୋଇଥିଲେ ଏହି ଦୁର୍ଘଟଣା ପରିମାଣ ନିଶ୍ଚିତ ଭାବେ କମ ହୋଇଥାନ୍ତା। ରମାକାନ୍ତ ଦଳାଇ କହିଛନ୍ତି, ଭିତରକନିକା ସଂରକ୍ଷିତ ଜଳାଶୟ ଅଞ୍ଚଳରେ ଏବେ କୁମ୍ଭୀର ସଂଖ୍ୟା ବହୁ ପରିମାଣରେ ବୃଦ୍ଧି ପାଇଛି। ଜଳାଶୟ ଅଞ୍ଚଳର ଆବଶ୍ୟକତାଠାରୁ ଅଧିକ କୁମ୍ଭୀର ହୋଇଥିବାରୁ ବିଭିନ୍ନ ନଦୀ ନାଳକୁ ଖାଦ୍ୟ ଆଶାରେ ପହଞ୍ଚି ଯାଉଛନ୍ତି। ବନ ବିଭାଗ ପକ୍ଷରୁ ହେଉଥିବା ଗଣନାରେ ଏହାକୁ ଦର୍ଶାଯାଉନାହିଁ। ଅଞ୍ଚଳବାସୀଙ୍କ ଜୀବନଜୀବିକା ପାଇଁ ପାଣିର ଆବଶ୍ୟକତା ଅଛି। ତେବେ ରାଜ୍ୟ ସରକାର ଅଥବା ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ନଦୀ ନାଳ ପାଣି ଉପଯୋଗ ସମୟରେ ଅକାଳରେ ଲୋକଙ୍କ ଜୀବନ ଯାଉଛି। ମିଳନ କୁମାର ଧଳ କହିଛନ୍ତି, ବସୁଧା ଯୋଜନାରେ ପ୍ରତ୍ୟେକ ଘରକୁ ପାଣି ଯୋଗାଇ ଦେବାକୁ ରାଜ୍ୟ ସରକାର ଅନୁଦାନ ମଞ୍ଜୁର କରିଛନ୍ତି। ଜିଲାରେ ୮ଟି ମେଗା ପାନୀୟ ଜଳ ପ୍ରକଳ୍ପ ସବୁଠି ଆରମ୍ଭ ହୋଇଥିଲେ ମଧ୍ୟ କୌଣସିଠାରେ ନିର୍ମାଣ କାର୍ଯ୍ୟ ଶେଷ ହୋଇନାହିଁ। ଜଳ ଜୀବନ ମିଶନରେ ଅଦ୍ୟାବଧି ୧୩୫ ପଞ୍ଚାୟତରେ ଜଳ ଯୋଗାଣ ନ ଥିବା ଦର୍ଶାଯାଇଛି। ତେବେ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳର ଗୋଟିଏ ପଞ୍ଚାୟତକୁ ଛାଡ଼ି ଦେଲେ ଜିଲାର ଅବଶିଷ୍ଟ ୨୩୮ ପଞ୍ଚାୟତରେ ଅଧାପନ୍ତରିଆ ଅବସ୍ଥାରେ ଅଛି। ଏ ସମ୍ପର୍କରେ ରେଞ୍ଜର ମାନସ କୁମାର ଦାଶଙ୍କୁ ପଚାରିବାରେ ଏବେ କୁମ୍ଭୀରଙ୍କ ପ୍ରଜନନ ସମୟ। ଏହି ସମୟରେ ସେମାନଙ୍କ ଉପଦ୍ରବ ବଢୁଥିବାରୁ ଜନ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ବିଶ୍ୱଜିତ ମିଶ୍ରଙ୍କୁ ପଚାରିବାରେ ଚଳିତ ବର୍ଷ ଶେଷ ଅଥବା ୨୦୨୪ ଆରମ୍ଭରେ ଉପାନ୍ତ ଅଞ୍ଚଳର ପାନୀୟ ଜଳ ପ୍ରକଳ୍ପ ଶେଷ ହେବ, ଯାହାଫଳରେ ସ୍ଥାନୀୟ ଲୋକଙ୍କ ନଦୀ ନାଳ ଉପରେ ନିର୍ଭର କମ ରହିବ। ଏହାଦ୍ୱାରା କୁମ୍ଭୀର ଆକ୍ରମଣ ସଂଖ୍ୟା ହ୍ରାସ ପାଇବା ଆଶା କରାଯାଉଛି ବୋଲି ସେ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଜଗନ କୁମାର


@ ମେଲ୍‌ପି


@ ଜୁନାଦବରୁଣ


@ ମନୋଜ


@ ପଞ୍ଚାନନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପୋଖରୀରୁ ସାଢେ ୬ ଫୁଟ ଲମ୍ବର କୁମ୍ଭୀର ଉଦ୍ଧାର

ରାଜନଗର, ୨୮।୭ (ଭାସ୍କର ରାଉତରାୟ)



ରାଜନଗର ବ୍ଲକ ଅନ୍ତର୍ଗତ ରଙ୍ଗଣୀ ପଞ୍ଚାୟତ ଭେଙ୍କ୍ରା ଗ୍ରାମର ଏକ ପୋଖରୀରୁ ସାଢେ ୬ ଫୁଟ ଲମ୍ବର କୁମ୍ଭୀର ଉଦ୍ଧାର କରାଯାଇଛି। ଭେଙ୍କ୍ରା ଗ୍ରାମ ଭାନୁ ଗିରି ନିଜ ପୋଖରୀରେ କୁମ୍ଭୀରକୁ ଦେଖିବା ପରେ ଭୟଭୀତ ହୋଇଯାଇଥିଲେ। କନିକା ରେଞ୍ଜ ଅଫିସରଙ୍କୁ ଏ ସମ୍ପର୍କରେ ସୂଚନା ଦେଇଥିଲେ। ଖବରପାଇ ରେଞ୍ଜ ଅଫିସର ମାନସ କୁମାର ଦାଶଙ୍କ ନେତୃତ୍ୱରେ ବନପାଳ ଲକ୍ଷ୍ମୀଧର ବାରିକ, ଫରେଷ୍ଟ ଗାର୍ଡ ସୁରେଶ ରାଉତ, ସୁନୀଲ ରଞ୍ଜନ ରାଉତରାୟ, ବବୁଲ ପରିଡା, ଯଶୋବନ୍ତ ବେହେରା, ଭଜହରି ଦଳାଇ ଏବଂ ରମାକାନ୍ତ ଦାସ ପ୍ରମୁଖ ବନ ବିଭାଗ ଟିମ୍ ଭେଙ୍କ୍ରା ଗ୍ରାମରେ ପହଞ୍ଚି ପୋଖରୀରୁ କୁମ୍ଭୀରଟିକୁ ଉଦ୍ଧାର କରି ଭିତରକନିକା ଜାତୀୟ ଉଦ୍ୟାନରେ ପ୍ରବାହିତ ଶ୍ୟାମସୁନ୍ଦିନ ନାଳରେ ଛାଡ଼ିଛନ୍ତି।

# ପାଣିରେ ପଡ଼ିଲା ୮ ଲକ୍ଷ ୫୦ ହଜାର



ନୟାଗଡ଼ ପୌର ପରିଷଦ ପକ୍ଷରୁ ନିର୍ମାଣ କରାଯାଇଥିବା ପରିସ୍ରାଗାରକୁ ଭାଙ୍ଗି ଦିଆଯାଇଛି।

**ନୟାଗଡ଼,୨୮।୭(ଲୋକନାଥ ମିଶ୍ର)**

- ୨ ଥର ଭଙ୍ଗାଗଲାଣି ପରିସ୍ରାଗାର
- ଡିଏଫ୍‌ଓ ଅଫିସର ଫାଟକ ପାଇଁ ଭଙ୍ଗାଗଲା
- ପ୍ଲାନିଂ ନ ଥାଇ ସରକାରୀ ଅର୍ଥକୁ କରାଯାଉଛି ଅପବ୍ୟୟ
- ସମୟ ସୀମା ଶେଷ ପରେ ବି ହେଉନି ତ୍ୱରାନ୍ୱିତ
- ଆଗେଇ ପାରୁନି ଗୋଲେଇ ଟ୍ରାଫିକର କାମ

ନୟାଗଡ଼ ସହରର ଟ୍ରାଫିକ ଛକ ପାଖ ଡିଏଫ୍‌ଓ ଅଫିସ ପ୍ରାଚୀରକୁ ଲାଗି ସ୍ୱଚ୍ଛ ଭାରତ ମିଶନରୁ ନିର୍ମାଣ ହୋଇଥିବା ପରିଶ୍ରାଗାରକୁ ଦୁଇ ଦୁଇ ଥର ଭଙ୍ଗା ଗଲାଣି। ଆଧୁନିକ ପରିସ୍ରାଗାର କରିବା ଉଦ୍ଦେଶ୍ୟରେ ପ୍ରଥମ ପରିସ୍ରାଗାରକୁ ଭଙ୍ଗା ଯାଇଥିବାବେଳେ ୨ୟ ପରିସ୍ରାଗାର ଡିଏଫ୍‌ଓ ଅଫିସର ଫାଟକ ହେବା ପାଇଁ ଭଙ୍ଗା ଯାଇଛି। ପରିସ୍ରାଗାର ପାଇଁ ପ୍ରଥମେ ୩ ଲକ୍ଷ ୫୦ ହଜାର ଓ ପରେ ୫ ଲକ୍ଷ ସରକାରୀ ଅନୁଦାନ ଖର୍ଚ୍ଚ ହୋଇଛି। ତେବେ ପ୍ଲାନିଂ କରି କାମ କରାଯାଉ ନ ଥିବାରୁ ସରକାରଙ୍କ ଅର୍ଥ ପାଣିରେ ପଡୁଛି। ୨ଟି ଯାକ ପରିସ୍ରାଗାରର ଭାଙ୍ଗିବା କାରଣକୁ ଖୋଜିଲେ ଇଏ କି ପ୍ରକାର ବିକାଶ ବୋଲି ପ୍ରଶ୍ନ ଉଠିଛି। ଅନ୍ୟପକ୍ଷେ ନୟାଗଡ଼ ସହରର ଟ୍ରାଫିକ ବ୍ୟବସ୍ଥାକୁ ସଜାଡ଼ିବା ପାଇଁ ନୟାଗଡ଼ ଟ୍ରାଫିକ ପୋଷ୍ଟର ନବକଳେବର ପାଇଁ ପୁରୁଣା ବସ୍‌ଷ୍ଟାଣ୍ଡରେ ଶିଳାନ୍ୟାସ ହେବାର ୫ମାସରୁ ଊର୍ଦ୍ଧ୍ୱ ବିତି ଯାଇଛି। ହେଲେ ଟ୍ରାଫିକ ବ୍ୟବସ୍ଥା କାର୍ଯ୍ୟ କେବଳ ପୁରଣା ବସ୍‌ଷ୍ଟାଣ୍ଡ ଭଙ୍ଗା, ଭାଗବତ ବେହେରାଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର, ୱାଟର କିଓସ୍କ ପ୍ରକଳ୍ପ, ଡିଏଫ୍‌ଓ ଅଫିସ ପ୍ରାଚୀର ଭଙ୍ଗାରେ ଅଟକି ଯାଇଛି। ତେବେ ଗୋଲେଇ ଟ୍ରାଫିକ୍‌ର କାମ ଆରମ୍ଭ ହୋଇପାରିନି। ଜୁଲାଇ ଶେଷ ସୁଦ୍ଧା ପ୍ରକଳ୍ପ କାମ ଶେଷ ହେବା ଧାର୍ଯ୍ୟ ହୋଇଥିବାବେଳେ ଗୋଲେଇ ଟ୍ରାଫିକ ନିର୍ମାଣ କେବଳ ଭାସଣବାଜିରେ ରହିଛି ।


ଡିଏଫ୍‌ଓଙ୍କ ପାଚେରିକୁ ଛାଡି ପୋତାଯାଇଥିବା ବିଦ୍ୟୁତ୍ ଖୁଣ୍ଟ।

ଫେବୃୟାରୀ ୨ରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ୨କୋଟି ୧୫ ଲକ୍ଷ ବ୍ୟୟରେ ନିର୍ମାଣ ହେବାକୁ ଥିବା ଟ୍ରାଫିକ ପୋଷ୍ଟ ସହ ରାସ୍ତାର ଶିଳାନ୍ୟାସ କରିଥିଲେ। ପ୍ରସ୍ତାବିତ ଟ୍ରାଫିକ ପୋଷ୍ଟଟି ଗୋଲେଇ ଛକ କରି ନିର୍ମାଣ କରାଯିବାର ରହିଛି। ଗୋଲେଇ ଟ୍ରାଫିକ ଛକର ଭିତରପାର୍ଶ୍ୱ ୧୮ ମିଟର ଓ ଏହାର ଚତୁଃପାର୍ଶ୍ୱରେ ୩ ଲେନ ରାସ୍ତା ଯାହାକି ୧୦.୫ ମିଟରର ଚଉଡ଼ା କରାଯାଇ ନିର୍ମାଣ କରାଯିବ। ଗୋଲେଇ ଟ୍ରାଫିକ ଛକଠାରୁ ଓଡଗାଁ, ଖୋର୍ଦ୍ଧା, ଦଶପଲ୍ଲା ଓ ଖଣ୍ଡପଡ଼ାକୁ ପଡିଥିବା ରାସ୍ତା ୧୪ ମିଟର ଓସାର ଭିତରେ ୪ ଲେନର କରାଯିବ। ପ୍ରସ୍ତାବିତ ଟ୍ରାଫିକର ଗୋଲେଇ ଛକଠାରୁ ଖୋର୍ଦ୍ଧା, ଦଶପଲ୍ଲା ଓ ଓଡଗାଁ ରାସ୍ତାରେ ୧୦୦ ମିଟରେ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ କରାଯିବ। ପୁଣି ଖଣ୍ଡପଡ଼ା ରୋଡ଼ରେ ୬୦ମିଟର ରାସ୍ତା ଅନୁରୂପ ଭାବେ ପ୍ରଶସ୍ତୀକରଣ ହେବ। ଜୁଲାଇରେ କାମ ଶେଷ ହେବାକୁ ସରକାର ଧାର୍ଯ୍ୟ କରିଥିବାବେଳେ ମେ ଶେଷ ସୁଧା କାର୍ଯ୍ୟ ଶେଷ ହେବାର ଥିଲା। ତେବେ ମେ, ଜୁନ ଯାଇ ଜୁଲାଇ ଶେଷ ହେବାକୁ ବସିଲାଣି। କାମ ମନଇଚ୍ଛା ଚାଲିଛି। ଜାତୀୟ ରାଜପଥ ବିଭାଗ, ବିଦ୍ୟୁତ୍, ଜନସ୍ୱାସ୍ଥ୍ୟ ବିଭାଗ, ବନ ବିଭାଗ ଓ ପୌର ପରିଷଦ ସହଭାଗିତାରେ ପ୍ରକଳ୍ପର କାର୍ଯ୍ୟ ଜାନୁୟାରୀ ୨୧ରୁ ଆରମ୍ଭ ହୋଇଥିଲା। ହେଲେ ବିଭିନ୍ନ ବିଭାଗର ସମନ୍ୱୟ ଅଭାବ ଯୋଗୁ କାମ ଠିକ୍‌ରେ ହୋଇ ପାରୁ ନ ଥିବା କୁହାଯାଉଛି।

## ଟ୍ରାଫିକ ସମସ୍ୟା ବଢ଼ିବ ନା କମିବ ବଢ଼ାଇଲାଣି ଚିନ୍ତା

ଗୋଲେଇ ଟ୍ରାଫିକ ଛକ ନିର୍ମାଣ ପାଇଁ ଡିଏଫ୍‌ଓ ଅଫିସର ଫାଟକ ଭଙ୍ଗା ଯାଇଥିଲା। ଫାଟକକୁ ଭାଙ୍ଗି ସେହି ସ୍ଥାନରେ ପ୍ରାଚୀର କରାଯାଇଥିଲା। ତେବେ ଡିଏଫ୍‌ଓ ଅଫିସର ପୁରୁଣା ଫାଟକ ନିକଟରେ ପ୍ରାଚୀରକୁ ବହୁ ଦୂରରେ ରଖି ଏକ ବିଦ୍ୟୁତ୍ ଖୁଣ୍ଟ ପୋତା ଯାଇଛି। ବିଦ୍ୟୁତ୍ ଖୁଣ୍ଟ ପୋତା ଯିବା ପରେ ଡିଏଫ୍‌ଓ ଅଫିସ ଫାଟକ କାହିଁକି ଭଙ୍ଗା ଗଲା ବୋଲି ପ୍ରଶ୍ନ ଉଠିଛି। ପ୍ରାଚୀରକୁ ଲାଗି ବିଦ୍ୟୁତ୍ ଖୁଣ୍ଟ ନ ପୋତି ଦୂରରେ ପୋତି ଅଯଥାରେ ଟ୍ରାଫିକ ସମସ୍ୟା ସୃଷ୍ଟି କରାଯାଉଛି ବୋଲି ଅଭିଯୋଗ ଉଠିଛି। ଅନ୍ୟପକ୍ଷେ ପରିଶ୍ରାଗାର ଭାଙ୍ଗିବା ସ୍ଥାନରେ ଯଦି ଡିଏଫ୍‌ଓ ଅଫିସର ଫାଟକ ହେବ ସେଠାରେ ପୁଣି ଟ୍ରାଫିକ ବ୍ୟବସ୍ଥା ଦେଖା ଦେବ ବୋଲି କୁହାଯାଉଛି। ସେହିପରି ଜାତୀୟ ରାଜପଥ ପରିଶ୍ରଗାରକୁ ଭାଙ୍ଗିବ ନାହିଁ ବୋଲି କହୁଥିବାବେଳେ ରାତି ଅଧିଆ ଭଙ୍ଗାଯିବା ସାଧାରଣରେ ଅସନ୍ତୋଷ ସୃଷ୍ଟ ହୋଇଛି। ଏନେଇ ନେଇ ବଲାଙ୍ଗୀର ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ସହକାରୀ ଯନ୍ତ୍ରୀ ସୁଲତା ସ୍ୱାଇଁଙ୍କୁ ପଚାରିବାରେ ଗୋଲେଇ ଟ୍ରାଫିକ ପାଇଁ ୨ କୋଟି ୧୫ ଲକ୍ଷ ଅର୍ଥ ମଞ୍ଜୁର ହୋଇଛି। ବର୍ଷା ଯୋଗୁ କାମରେ ଟିକେ ବିଳମ୍ବ ହେଉଛି। ତେବେ କାମ ଶୀଘ୍ର ଶେଷ ହେବାକୁ ଚେଷ୍ଟା ଜାରି ରହିଛି। ଅନ୍ୟପକ୍ଷେ ପରିସ୍ରାଗାର ଭଙ୍ଗା ଯିବାର ନ ଥିଲା। ତେବେ ଡିଏଫ୍‌ଓ ଅଫିସର ଫାଟକ ନିର୍ମାଣ ପାଇଁ ଜିଲାପାଳଙ୍କ ଅନୁମତି ଆଣି ଭଙ୍ଗା ଯାଇଛି। ବିଦ୍ୟୁତ୍ ଖୁଣ୍ଟ କ'ଣ ଟ୍ରାଫିକ ସମସ୍ୟା ସୃଷ୍ଟି କରିବ ସେନେଇ ଅନୁଧାନ ପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ମଣିପୁରରେ ଶାନ୍ତି ପ୍ରତିଷ୍ଠା ପାଇଁ କଂଗ୍ରେସର ବିକ୍ଷୋଭ



ନୟାଗଡ଼ ଜିଲା ମହିଳା କଂଗ୍ରେସର ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ନୟାଗଡ଼,୨୮।୭(ଲୋକନାଥ ମିଶ୍ର)**

### ଡବଲ ଇଞ୍ଜିନ ସରକାର ହଟାଇବା ଦରକାର

ଦୀର୍ଘ ୩ମାସ ଧରି ମଣିପୁର ରାଜ୍ୟରେ ହିଂସା ଉଗ୍ରରୂପ ଧାରଣ କରି ସାଧାରଣ ଜନଜୀବନ ପ୍ରଭାବିତ ହୋଇସାରିଲାଣି। ଆଦିବାସୀ ମହିଳାମାନଙ୍କ ଉପରେ ବର୍ବରୋଚିତ ଅତ୍ୟାଚାର ଦେଶବାସୀଙ୍କୁ ବ୍ୟଥିତ କରିଛି। ସେଠାରୁ ହିଂସା ବନ୍ଦ କରାଇବା ଏବଂ ଶାନ୍ତି ଫେରାଇ ଆଣିବା ଦିଗରେ ପ୍ରଧାନମନ୍ତ୍ରୀ ମୋଦି ଏବଂ ଭାଜପାର ଡବଲ ଇଞ୍ଜିନ ସରକାର ବିଫଳତା ହୋଇଛନ୍ତି। ୨ ସରକାରଙ୍କୁ ସମାଲୋଚନା କରି ମଣିପୁରରେ ଶାନ୍ତି ପ୍ରତିଷ୍ଠା ପାଇଁ ନୟାଗଡ଼ ଜିଲା ମହିଳା କଂଗ୍ରେସ ପକ୍ଷରୁ ଶୁକ୍ରବାର ନୟାଗଡ଼ ଟ୍ରାଫିକ ଛକଠାରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମୋଦି ସରକାର ହିଂସା ବନ୍ଦ କରାଇବାରେ କୌଣସି ଇଚ୍ଛାଶକ୍ତି ନ ଥିବା ଯୋଗୁ ଗାଦି ଛାଡ଼ିବା ପାଇଁ ମହିଳା କଂଗ୍ରେସ କର୍ମୀମାନେ ନାରାବାଜି କରିଥିଲେ। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସଭାପତି ଆଇନଜୀବୀ ରଣଜିତ ଦାଶ, ମହିଳା କଂଗ୍ରେସ ସଭାନେତ୍ରୀ ପୂର୍ବତନ ସରପଞ୍ଚ ପ୍ରତିମା ଜେନା, ଜିଲା ଯୁବ କଂଗ୍ରେସ ସଭାପତି ଯଶୋଦା କାଣ୍ଡି, ଜିଲା ଛାତ୍ର କଂଗ୍ରେସ ସଭାପତି ଜ୍ୟୋତିରଞ୍ଜନ ଦାଶ, ପ୍ରଦେଶ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ଅକ୍ଷୟ ମଲ୍ଲ, ଜିଲା ସେବା ଦଳ ସଂଯୋଜକ ବିମଳ ଦାଶ, କଂଗ୍ରେସ ନେତା ପୂର୍ଣ୍ଣଚନ୍ଦ୍ର ସାନ୍ତ, ଜିତେନ୍ଦ୍ର ପ୍ରଧାନ, ମହିଳା କଂଗ୍ରେସ ଜିଲା ଉପ ସଭାନେତ୍ରୀ ସସ୍ମିତା ଦାଶ, ମମତା ପାତ୍ର, ଲିପି ପ୍ରଧାନଙ୍କ ସମେତ ମହିଳା କଂଗ୍ରେସ କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇଥିଲେ।

# ହତ୍ୟାକାରୀ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

**ନୟାଗଡ଼,୨୮।୭(ଲୋକନାଥ ମିଶ୍ର)**

### ଶିଖରପୁର ଝୁମୁରୀ ହତ୍ୟାକାଣ୍ଡର ରାୟ

ନୟାଗଡ଼ଜିଲା ଜଜ୍‌କୋର୍ଟରେ ଖଣ୍ଡପଡ଼ା ଥାନା ଶିଖରପୁର ଝୁମୁରୀ ହତ୍ୟାକାଣ୍ଡର ରାୟ ଶୁକ୍ରବାର ପ୍ରକାଶ ପାଇଛି। ସାକ୍ଷ୍ୟ, ପ୍ରମାଣ, ସରକାରୀ ଓ ପ୍ରତିପକ୍ଷ ଓକିଲଙ୍କ ଯୁକ୍ତିଙ୍କୁ ବିଚାର କରି ଜିଲା ଜଜ୍ ଆନନ୍ଦ ନାରାୟଣ ମହାରଣା ହତ୍ୟାକାରୀ ସ୍ୱାମୀ ଶିଖରପୁର ସୁଶାନ୍ତ ସାହୁଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅନ୍ୟପକ୍ଷେ ୧୦ ହଜାର ଜରିମାନା କରିଛନ୍ତି। ଜରିମାନା ଅନାଦେୟ୧ବର୍ଷ ଜେଲ ଭୋଗିବାକୁ ନିର୍ଦ୍ଦେଶ ରହିଛି।

ପ୍ରାପ୍ତ ସୂଚନା ଅନୁସାରେ, ଓଡ଼ଗାଁ ଥାନା ବେରୁଆଁବାରୀ ଗାଁର ଯୋଗେନ୍ଦ୍ର ସାହୁଙ୍କ ଝିଅ ଝୁମୁରୀ ଖଣ୍ଡପଡ଼ା ଥାନା ଶିଖରପୁର ଗାଁର ସୁଶାନ୍ତ ସାହୁ ଓରଫ ଚୌଧୁରୀଙ୍କୁ ୮ ବର୍ଷ ତଳେ ବିବାହ କରିଥିଲେ। ବିବାହ ପରେ କିଛିଦିନ ସ୍ୱାମୀ ସ୍ତ୍ରୀ ଭଲରେ ଚଳିଥିଲେ। ପରେ ଅଧିକ ଯୌତୁକ ଆଣିବାକୁ ଝୁମୁରୀ ଉପରେ ଶାଶୁଘର ପକ୍ଷରୁ ନିର୍ଯାତନା ଦିଅଯାଉଥିଲା। ୨୦୨୧ ମେ ୨୩ରେ ଶାଶୁ ଘର ଲୋକେ ଝୁମୁରୀଙ୍କୁ ତଣ୍ଟି ଚିପି ହତ୍ୟା କରିଥିଲେ। ହତ୍ୟାକାଣ୍ଡ ନେଇ ଖଣ୍ଡପଡ଼ା ଥାନାରେ ମୃତା ଝୁମରୀଙ୍କ ବାପା ଯୋଗେନ୍ଦ୍ର ଅଭିଯୋଗ କରିବା ପରେ ପୋଲିସ ନଂ. ୧୦୦/୨୧ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ଝୁମରୀଙ୍କ ମୃତ୍ୟୁ ବେଳକୁ ତାଙ୍କର ୭ ବର୍ଷର ଝିଅ ଓ ୪ ବର୍ଷର ପୁଅ ଥିଲେ। ପୋଲିସ ଝୁମୁରୀଙ୍କ ସ୍ୱାମୀ ସୁଶାନ୍ତ ଓ ଦିଅର ପ୍ରଶାନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ବଡ଼ ଭାଇ ଜେଲରେ ଥିଲେ। ଦିଅର ପ୍ରଶାନ୍ତ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ତେବେ ସୁଶାନ୍ତଙ୍କୁ ୩୦୨ ଦଫାରେ ଆଜୀବନ କାରାଦଣ୍ଡ ଓ ୧୦ ହଜାର ଜରିମାନା ହୋଇଛି। ଜରିମାନା ଅନାଦେୟ ୧ ବର୍ଷ ଅଧିକ ଜେଲ ଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ରହିଛି। ୪୯୮(ଏ) ଦଫାରେ ୨ ବର୍ଷ ଜେଲଦଣ୍ଡ ୫ ହଜାର ଜରିମାନା ହୋଇଛି। ଜରିମାନା ଅନାଦେୟ ୩ ମାସ ଅଧିକ ଜେଲଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ମିଳିଛି। ୪ ଡିପି ଆକ୍ଟରେ ୨ ବର୍ଷ ଜେଲଦଣ୍ଡ ୫ ହଜାର ଜରିମାନା ହୋଇଛି। ଜରିମାନା ଅନାଦେୟ ଅଧିକ ୩ ମାସ ଜେଲରେ ରହିବାକୁ ପଡ଼ିବ। ୩୦୪(ବି), ୪୦୬, ୩୪ ଆଇପିସିରେ ଦଣ୍ଡ ବିଧାନ ହୋଇନାହିଁ। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରୋସିକ୍ୟୁଟର ବିଷ୍ଣୁ ପ୍ରସନ୍ନ ମହାପାତ୍ର ମାମଲା ଲଢୁଥିଲେ।

# ବିଦ୍ୟାଳୟରେ ସଡ଼କ ସୁରକ୍ଷା ସଚେତନତା

**ନୟାଗଡ଼,୨୮।୭(ଲୋକନାଥ ମିଶ୍ର)**

ନୟାଗଡ଼ ବ୍ଲକ ସିନ୍ଦୁରିଆ ଉଚ୍ଚ ବିଦ୍ୟାଳୟରେ ସଡ଼କ ସୁରକ୍ଷା ତଥା ନିରାପଦ ଯାତ୍ରା ଉପରେ ଆଲୋଚନା ଚକ୍ର ତଥା ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଝୁମୁରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ବରିଷ୍ଠ ଶିକ୍ଷୟିତ୍ରୀ ପ୍ରବାସିନୀ ମିଶ୍ର, ନିଶାମଣି ମିଶ୍ର, ଜ୍ୟୋର୍ତିମୟୀ ରାଉତ, ରଶ୍ମିରଞ୍ଜିତା ବେହେରା ପ୍ରମୁଖ ସଡ଼କ ସୁରକ୍ଷା ତଥା ନିରାପଦ ଯାତ୍ରା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ନାୟକ, ଜିତେନ୍ଦ୍ର ଗୁରୁ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ସହକାରୀ ଶିକ୍ଷକ ସଲିମ ଇବ୍ରାହିମ ଆଲୋଚନାଚକ୍ରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଡ଼କ ସୁରକ୍ଷା ଓ ଜୀବନ ରକ୍ଷା ଉପରେ କୁଇଜ ପ୍ରତିଯୋଗିତାକୁ ବରିଷ୍ଠ ସହକାରୀ ଶିକ୍ଷକ ଶେଖ ଅବଦୁଲ ଖାଲିକ ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ମୂଲ୍ୟାୟନ କରିବା ସହ ପିଲାଙ୍କୁ ଉତ୍ସାହିତ କରି ରାସ୍ତାରେ ଯାତାୟାତର ନିୟମାବଳୀ ପଠନ କରି ଶୁଣାଇଥିଲେ। ଶେଷରେ ସହକାରୀ ଶିକ୍ଷୟିତ୍ରୀ ମଧୁସ୍ମିତା ସାହୁ ଧନ୍ୟବାଦ ଦେଇଥିଲେ।



ବିଦ୍ୟାଳୟରେ ସଡ଼କ ସୁରକ୍ଷା ଲାଗି ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଉଛି।

# ଏସ୍‌ପିଙ୍କୁ ଭେଟିଲେ ଢିପମାଳ ବାସିନ୍ଦା

**ନୟାଗଡ଼,୨୮।୭(ଲୋକନାଥ ମିଶ୍ର)**


ଏସ୍‌ପିଙ୍କୁ ଅଭିଯୋଗ କରିବାକୁ ଆସିଥିବା ଢିପମାଳ ଗାଁର ଲୋକମାନେ।

- ସୀତାରାମପୁର ରାଲିଆ ହତ୍ୟା ଘଟଣା
- ପୋଲିସର ନିରପେକ୍ଷତା ତଦନ୍ତ ଉପରେ ପ୍ରଶ୍ନ
- ହତ୍ୟା ଅଭିଯୁକ୍ତଙ୍କୁ ଖସାଇ ଦିଆଯାଉଛି
- ସ୍ୱାଇଁଙ୍କୁ ଗିରଫ କରି ଫାଇଲକୁ ଚପାଯାଉଛି

ନୟାଗଡ଼ ସଦର ଥାନା ସୀତାରାମପୁର ଗାଁରେ ରାଲିଆ ସାହୁ(୨୧) ହତ୍ୟା ଘଟଣାକୁ ପୋଲିସ ଚାପି ଦେବାକୁ ଉଦ୍ୟମ କରୁଛି ବୋଲି ଅଭିଯୋଗ ଉଠିଛି। ହତ୍ୟା ମାମଲା ହୋଇଥିଲେ ବି ଏକାଧିକ ହତ୍ୟା ଅଭିଯୁକ୍ତଙ୍କୁ ଛାଡ଼ି କେବଳ ସ୍ୱାଇଁଙ୍କୁ ଗିରଫ କରି ଘଟଣାକୁ ରଫାଦଫା କରିବାକୁ ଉଦ୍ୟମ ଚାଲିଛି। ରାଲିଆ ହତ୍ୟା ଘଟଣାର ତଦନ୍ତର ସ୍ୱଚ୍ଛତା ଉପରେ ନିରପେକ୍ଷତାକୁ ପ୍ରଶ୍ନ ଉଠାଇ ରାଲିଆଙ୍କ ପରିବାର ଲୋକ, ଢ଼ିପମାଳ ନୂଆସାହି ବାସିନ୍ଦା ନୟାଗଡ଼ ଏସ୍‌ପିଙ୍କୁ ଭେଟିଛନ୍ତି। ରାଲିଆଙ୍କୁ ନ୍ୟାୟ ଦେବାକୁ ଏସ୍‌ପିଙ୍କୁ ଅନୁରୋଧ କରିଛନ୍ତି। ଠିକ୍ ନ୍ୟାୟ ନ ମିଳିଲେ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ଅଭିଯୋଗ ଅନୁସାରେ, ସୀତାରାମପୁର ଗାଁର ସନ୍ନ୍ୟାସି ସାହୁ ୩ ବର୍ଷ ତଳେ ଢ଼ିପମାଳ ନୂଆସାହି ଗାଁର ରାଲିଆ ସାହୁଙ୍କୁ ବଳଭଦ୍ରପୁର ମନ୍ଦିରରେ ବିବାହ କରିଥିଲେ। ଏହି ଦମ୍ପତି ଭୁବନେଶ୍ୱରରେ ରହୁଥିଲେ। କିଛିଦିନ ତଳେ ରାଲିଆ ବାପ ଘରେ ରହୁଥିଲେ। ପରେ ଶାଶୁ ଘରକୁ ଚାଲି ଆସିଥିଲେ। ତେବେ ରାଲିଆଙ୍କ ମୃତଦେହ ଶାଶୁ ଘରୁ ଗତ ୨୨ ତାରିଖରେ ମିଳିଥିଲା। ହତ୍ୟା ନେଇ ଅଭିଯୋଗ ପରେ ପୋଲିସ ୪୯୮(ଏ), ୩୦୪(ବି), ୩୨୩, ୩୪ ଆଇପିସି, ୪ଡିପି ଆକ୍ଟରେ ନଂ.୧୨୫/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଅନ୍ୟପକ୍ଷେ ସ୍ୱାମୀ ସନ୍ନ୍ୟାସୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ସନ୍ନ୍ୟାସୀ ଜେଲରେ ଅଛନ୍ତି। ଏ ନେଇ ମୃତକ ରାଲିଆଙ୍କ ବାପା ଅକ୍ରୁର ସାହୁ କୁହନ୍ତି, ପୋଲିସ ପ୍ରଥମରୁ ମୋ ଝିଅର ମୃତ୍ୟୁକୁ ଆତ୍ମହତ୍ୟା ରୂପ ଦେଉଛି। ମୋ ଝିଅର ଶରୀରରେ କ୍ଷତ ବିକ୍ଷତ ଚିହ୍ନ ରହିଛି। ଝିଅକୁ ମାରି ଝୁଲାଇ ଦେଇଥିବା ଆମେ ସନ୍ଦେହ କରୁଛୁ। ମୋ ଜ୍ୱାଇଁ ମାର୍ବଲ ମିସ୍ତ୍ରି। ତାଙ୍କ ପରିବାର ପକ୍ଷରୁ ବିଭିନ୍ନ ସମୟରେ ରାଲିଆଙ୍କୁ ଯୌତୁକ ନିର୍ଯାତନା ଦିଆଯାଉଥିଲା। ମୋ ଝିଅ ଗତ ୨୧ ତାରିଖ ସନ୍ଧ୍ୟାରେ ଶାଶୁ ଘରକୁ ଯାଇଥିଲେ। ତେବେ ଶାଶୁ ଘରେ ୨୪ ଘଣ୍ଟା ନ ପୂରୁଣୁ ମାଳିସାହି ଫାଣ୍ଡିରୁ ଫୋନ ଯାଇଥିଲା ଝିଅ ରଶି ଲଗାଇ ଆତ୍ମହତ୍ୟା କରିଛି। ରାଲିଆଙ୍କୁ ହତ୍ୟା କରାଯିବା ଠିକ୍। ତେବେ ତାଙ୍କ ସ୍ୱାମୀ ସହ ଆଉ କେତେଜଣ ଲୋକ ଏଥିରେ ସମ୍ପୃକ୍ତ ଅଛନ୍ତି। ଯେଉଁମାନେ ହତ୍ୟାରେ ସମ୍ପୃକ୍ତ ଅଛନ୍ତି ସେମାନଙ୍କୁ ଗିରଫ କରାଯାଉ। ଆମେ ଏ ନେଇ ଏସ୍‌ପିଙ୍କ ଶୁକ୍ରବାର ଫେରାଦ ହୋଇଛୁ। ଏସ୍‌ପି ୨ଜଣିଆ ତଦନ୍ତକାରୀ ଟିମ୍ ପଠାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଟିମ୍ ତଦନ୍ତ କରୁ, ପୋଲିସ କ'ଣ କରୁଛି କରୁ । ଆମେ ନ୍ୟାୟ ପାଇବା ଦରକାର। ମୋ ନାତୁଣି ଶାନ୍ତିରେ ରହୁ। ନ ହେଲେ ଆମେ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରିବୁ ବୋଲି ସେ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଜଗନ କୁମାର


@ ମେଲଫି


@ କୁନାଦବରୁଣ


@ ମନୋଜ


@ ପଞ୍ଚାନନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

